*Om namah Sri Bhagavate Ramakrishnaya !*

# ବିବେକ-ପ୍ରଭା VIVEK-PRABHA

*Monthly Odia Journal dedicated to spreading the Spiritual & Cultural Values in the light of Sri Ramakrishna & Swami Vivekananda*

**Vol. 30 / 2** **JANUARY 2018** **Issue No. 339**

## ଆଗାମୀ କାର୍ଯ୍ୟସୂଚୀ

୦୮।୦୧।୧୮ **ସ୍ୱାମୀଜୀଙ୍କ ଜନ୍ମତିଥି**

୧୨।୦୧।୧୮ ଏକାଦଶୀ ସନ୍ଧ୍ୟାରେ ଆରତି ପରେ

**ଶ୍ରୀରାମନାମ ସଂକୀର୍ତ୍ତନ**

୧୯।୦୧।୧୮ **ସ୍ୱାମୀ ବ୍ରହ୍ମାନନ୍ଦଜୀଙ୍କ ଜନ୍ମୋତ୍ସବ**

୨୧।୦୧।୧୮ ସ୍ୱାମୀ ତ୍ରିଗୁଣାତୀତାନନ୍ଦଜୀଙ୍କ ଜନ୍ମୋତ୍ସବ

୨୨।୦୧।୧୮ **ଶ୍ରୀଶ୍ରୀସରସ୍ୱତୀ ପୂଜା**

୨୮।୦୧।୧୮ ଏକାଦଶୀ ସନ୍ଧ୍ୟାରେ ଆରତି ପରେ

**ଶ୍ରୀରାମନାମ ସଂକୀର୍ତ୍ତନ**

୩୧।୦୧।୧୮ **ସ୍ୱାମୀ ଅଦ୍ଭୁତାନନ୍ଦଜୀଙ୍କ ଜନ୍ମୋତ୍ସବ**

**ରାମକୃଷ୍ଣ ମଠ, ଭୁବନେଶ୍ୱରରେ**
ସାନ୍ଧ୍ୟ ଆରାତ୍ରିକ ପରେ
**ପ୍ରତି ରବିବାର ଦିନ**
ଆଧ୍ୟାତ୍ମିକ ପ୍ରବଚନ, ପାଠ ଓ
ଆଲୋଚନା ଅନୁଷ୍ଠିତ ହୁଏ।

**ପ୍ରକାଶକ**
ସ୍ୱାମୀ ଆତ୍ମପ୍ରଭାନନ୍ଦ
**ସଂପାଦକ**
ସ୍ୱାମୀ ଅଦ୍ୱୟାନନ୍ଦ
**ପ୍ରକାଶନ କାର୍ଯ୍ୟାଳୟ**
ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର ୭୫୧୦୦୨
Phone : 0674-2432028, 2430159
Email : bhubaneswar@rkmm.org
: swamiadvayananda@gmail.com

## ସୂଚୀପତ୍ର

ବିଷୟ ପୃଷ୍ଠା

**ବଜ୍ରବାଣୀ**
ସ୍ୱାମୀ ବିବେକାନନ୍ଦ ୪

*କଥାମୃତର କଥା :*
**ଭକ୍ତିରେ ସବୁ ମିଳେ** ୫

*ସଂପାଦକୀୟ :*
**ନୂଆ ବର୍ଷରେ 'ବିବେକ-ପ୍ରଭା'** ୬

*ନିବନ୍ଧ:*
**ସନାତନ ଧର୍ମର ବୈଶିଷ୍ଟ୍ୟ**
ପ୍ରମଥନାଥ ତର୍କଭୂଷଣ ୮

*ସ୍ମୃତିମନ୍ଥନ:*
**ଆନ୍ତରିକ ଜପଧ୍ୟାନର ଦୃଷ୍ଟାନ୍ତ**
ସୁରେନ୍ଦ୍ରନାଥ ଚକ୍ରବର୍ତ୍ତୀ ୧୪

*ସଂସ୍କୃତି :*
**ବ୍ରହ୍ମଦାରୁ ଓ ଦାରୁବ୍ରହ୍ମ**
ବିମଳକୃଷ୍ଣ ପାଲ ୨୦

*କବିତା:*
**କବିତାୟନ**
ପଣ୍ଡିତ ଗୋଦାବରୀଶ ମିଶ୍ର ୨୩

*English :*
Annual Report of Ramakrishna Mission ୨୪

*ସ୍ମୃତିସୁଧା:*
**ସାରଗାଛିର ସ୍ମୃତି**
ସ୍ୱାମୀ ସୁହିତାନନ୍ଦ ୨୭

**ସମ୍ବାଦ** ୨୯

**ବିଜ୍ଞାପନ** ୩୦

ପ୍ରଚ୍ଛଦପଟ : ..............

# ବଜ୍ରବାଣୀ

('ବିବେକାନନ୍ଦ ପତ୍ରାବଳୀ'ରୁ ଗୃହୀତ)

**ସ୍ୱାମୀ ବିବେକାନନ୍ଦ**

ପ୍ରଭୁ (ଶ୍ରୀରାମକୃଷ୍ଣ) ପକ୍କା ଜହୁରୀ ଥିଲେ; ଏବେ ସୁଦ୍ଧା ଯଦି ତୁମର ଏଥିରେ ସନ୍ଦେହ ହୁଏ, ତେବେ ପାଗଳ ଓ ତୁମ ମଧ୍ୟରେ ପାର୍ଥକ୍ୟ କଅଣ ? ଦେଖ, ଏଦେଶରେ ଶହଶହ ନରନାରୀ ପ୍ରଭୁଙ୍କୁ ସମସ୍ତ ଅବତାରଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ପୂଜା କରିବାକୁ ଆରମ୍ଭ କରୁଛନ୍ତି। ଧୀରେ ଧୀରେ—ମହାକାର୍ଯ୍ୟ ଧୀରେ ଧୀରେ ହୁଏ। ଧୀରେ ଧୀରେ ବାରୁଦର ସ୍ତର ଠୁଳାଯାଏ; ତାପରେ ଦିନେ ଟିକିଏ ମାତ୍ର ଅଗ୍ନି—ବାସ୍, ସମସ୍ତ ଉଚ୍ଛ୍ୱସିତ ହୋଇଉଠେ !

ସେ ହେଉଛନ୍ତି କାଣ୍ଡାରୀ, ଭୟ କାହିଁକି ? ତୁମେମାନେ ଅନନ୍ତ ଶକ୍ତିମାନ୍—ସାମାନ୍ୟ ଈର୍ଷାବୁଦ୍ଧି ଓ ଅହଂପୂର୍ଣ୍ଣ ବୁଦ୍ଧିକୁ ଦମନ କରିବା ଲାଗି ତୁମମାନଙ୍କୁ କେତେଦିନ ବା ଲାଗିବ ? ଯେଉଁ ମୁହୂର୍ତ୍ତରେ ସେହି ବୁଦ୍ଧି ଆସିବ, ପ୍ରଭୁଙ୍କ ପାଖରେ ଶରଣ ନିଅ। ଦେହ-ମନ ତାଙ୍କ ପାଖରେ ସମର୍ପି ଦିଅ, ଦେଖିବ, ସବୁ ଗୋଳମାଳ ଏକାବେଳକେ ତୁଟିଯିବ।..



ଏବେ ତୁମକୁ କେତୋଟି ଉପଦେଶ ଦେଉଛି। ଏହି ଉପଦେଶ-ଗୁଡ଼ିକୁ ପ୍ରତ୍ୟହ ପଢ଼ିବ ଏବଂ ତଦନୁଯାୟୀ କାର୍ଯ୍ୟ କରିବ।

୧। ଏହି ଜଗତରେ ଯେଉଁ ତ୍ରିବିଧ ଦୁଃଖ ଅଛି, ସର୍ବଶାସ୍ତ୍ରର ସିଦ୍ଧାନ୍ତ ଏହି ଯେ, ତାହାର ନିରାକରଣ ସମ୍ଭବ।

୨। ଯେପରି ପଙ୍କଦ୍ୱାରା ପଙ୍କକୁ ଧୁଆଯାଇପାରେ ନାହିଁ, ସେହିପରି ଭେଦବୁଦ୍ଧି ଦ୍ୱାରା ଅଭେଦସାଧନ ହେବା ସମ୍ଭବ ନୁହେଁ।

୩। କୃଷ୍ଣ-ଅବତାରରେ କହୁଛନ୍ତି ଯେ—**ସର୍ବପ୍ରକାର ଦୁଃଖର କାରଣ 'ଅବିଦ୍ୟା'।** ନିଷ୍କାମ କର୍ମଦ୍ୱାରା ଚିତ୍ତଶୁଦ୍ଧି ହୁଏ; କିନ୍ତୁ କର୍ମ କଅଣ ଓ ଅକର୍ମ କଅଣ—ଏ ବିଷୟରେ ଜ୍ଞାନୀମାନେ ମଧ୍ୟ ମୋହିତ ହୁଅନ୍ତି।

୪। **ଯେଉଁ କର୍ମଦ୍ୱାରା ଆତ୍ମଭାବର ବିକାଶ ହୁଏ, ତାହା ହିଁ କର୍ମ ଏବଂ ଯେଉଁଥିରେ ଅନାତ୍ମଭାବର ବିକାଶ ହୁଏ, ତାହା ଅକର୍ମ।**

୫। ସୁତରାଂ ବ୍ୟକ୍ତିଗତ, ଦେଶଗତ ଓ କାଳଗତ କର୍ମାକର୍ମର ସାଧନ।

୬। ଯଜ୍ଞାଦି ପ୍ରାଚୀନ କାଳରେ ଉପଯୁକ୍ତ ଥିଲା, ତଥା ଜାତ୍ୟାଦି କର୍ମ। ଆଧୁନିକ କାଳ ପାଇଁ ତାହା ନୁହେଁ।

୭। **ରାମକୃଷ୍ଣ-ଅବତାରଙ୍କ ଜନ୍ମଦିନଠାରୁ ସତ୍ୟଯୁଗର ଉତ୍ପତ୍ତି ହୋଇଛି।**

୮। ରାମକୃଷ୍ଣ-ଅବତାରରେ ଜ୍ଞାନରୂପକ ଅସିଦ୍ୱାରା ନାସ୍ତିକତାରୂପକ ମ୍ଳେଚ୍ଛନିବହ ଧ୍ୱଂସ ପାଇବେ ଏବଂ ଭକ୍ତି ଓ ପ୍ରେମ ଦ୍ୱାରା ସମସ୍ତ ଜଗତ ଏକୀଭୂତ ହେବ। ଅଧିକନ୍ତୁ ଏହି ଅବତାରରେ ରଜୋଗୁଣ ଅର୍ଥାତ୍ ନାମଯଶ ଆଦିର ଆକାଙ୍କ୍ଷା ଆଦୌ ନାହିଁ; ଅର୍ଥାତ୍ ଯେ ତାଙ୍କର ଉପଦେଶ ଗ୍ରହଣ କରେ, ସେ ଧନ୍ୟ; ସେ ତାଙ୍କୁ ମାନୁ ଅବା ନ ମାନୁ, କ୍ଷତି ନାହିଁ।...

୧୦। ସମସ୍ତଙ୍କୁ—ଯେଉଁଠାରେ ସେମାନେ ଅଛନ୍ତି ସେହିଠାରେ ହିଁ ଗ୍ରହଣ କରିବାକୁ ହେବ, ଅର୍ଥାତ୍ କାହାରି ଭାବରେ ବ୍ୟାଘାତ ନ କରି ଉଚ୍ଚତର ଭାବକୁ ନେଇଯିବାକୁ ହେବ। ସାମାଜିକ ଅବସ୍ଥା ମଧ୍ୟରେ ଯାହା ଅଛି, ତାହା ଉତ୍ତମ, କିନ୍ତୁ ଉତ୍କୃଷ୍ଟତର—ଉତ୍କୃଷ୍ଟତମ କରିବାକୁ ହେବ।

୧୧। **ନାରୀ-ଜାତିର ଅଭ୍ୟୁଦୟ ନ ହେଲେ ଜଗତର କଲ୍ୟାଣର ସମ୍ଭାବନା ନାହିଁ; ଗୋଟିଏ ଡେଣାରେ ପକ୍ଷୀର ଉତ୍‌ଥାନ ସମ୍ଭବ ନୁହେଁ।**

୧୨। **ସେଥିପାଇଁ ରାମକୃଷ୍ଣାବତାରରେ 'ସ୍ତ୍ରୀ-ଗୁରୁ' ଗ୍ରହଣ, ସେଥିପାଇଁ ନାରୀଭାବ ସାଧନ, ସେଥିପାଇଁ ମାତୃଭାବ-ପ୍ରଚାର।**

୧୩। ସେଥିପାଇଁ ମୋର ନାରୀ-ମଠ ସ୍ଥାପନ ପାଇଁ ଉଦ୍ୟୋଗ। ଉକ୍ତ ମଠ ଗାର୍ଗୀ, ମୈତ୍ରେୟୀ ଏବଂ ତଦପେକ୍ଷା ଆହୁରି ଉଚ୍ଚତର ଭାବାପନ୍ନା ନାରୀକୁଳର ଆକରସ୍ୱରୂପ ହେବ।

୧୪। ଚାଲାକି ଦ୍ୱାରା କୌଣସି ମହତ୍ କାର୍ଯ୍ୟ ହୁଏ ନାହିଁ। ପ୍ରେମ, ସତ୍ୟାନୁରାଗ ଓ ମହାବୀର୍ଯ୍ୟର ସହାୟତାରେ ସକଳ କାର୍ଯ୍ୟ ସମ୍ପନ୍ନ ହୁଏ।

୧୫। କାହାରି ସହିତ ବିବାଦ-ବିତର୍କର ଆବଶ୍ୟକତା ନାହିଁ। (୧୯୦)●

# ପ୍ରଥମେ ଈଶ୍ୱର ତାପରେ ଜଗତ

['ଶ୍ରୀଶ୍ରୀରାମକୃଷ୍ଣ କଥାମୃତ'ରୁ ସଂଗୃହୀତ]

ଶ୍ରୀରାମକୃଷ୍ଣ: ତାଙ୍କର ଦୟା ଥିଲେ ଜ୍ଞାନର କଅଣ ଅଭାବ ରହେ ? ଗାଆଁରେ ଧାନ ମାପନ୍ତି; ମାପୁଥିବା ଧାନଗଦା ସରିଆସିଲେ ଆଉଜଣେ ଧାନଡୋଲିରୁ ଧାନ ଅଜାଡ଼ିଦିଏ । ସେହିପରି ମା ଜ୍ଞାନରାଶି ଅଜାଡ଼ିଦିଅନ୍ତି ।

ତାଙ୍କୁ ଲାଭ କଲେ ପଣ୍ଡିତମାନଙ୍କୁ କାଠିକୁଟା ଭଳି ବୋଧହୁଏ । ପଦ୍ମଲୋଚନ କହିଥିଲା, 'ତୁମ ସାଙ୍ଗରେ କେଉଟଙ୍କର ସଭାକୁ ଯିବି ସେଥିରେ କଅଣ ଭାସିଯିବ ? —ତୁମ ସଙ୍ଗରେ ହାଡ଼ିଘରକୁ ଯାଇ ମଧ୍ୟ ଖାଇପାରେ ।'

ଭକ୍ତିଦ୍ୱାରା ସବୁକିଛି ମିଳେ । ତାଙ୍କୁ ଭଲ ପାଇପାରିଲେ ଆଉ କିଛିର ଅଭାବ ରହେ ନାହିଁ । ଭଗବତୀଙ୍କ ପାଖରେ କାର୍ତ୍ତିକ ଓ ଗଣେଶ ଉଭୟେ ବସିଥିଲେ । ତାଙ୍କ ବେକରେ ମଣିମୟ ରତ୍ନହାର । ମା କହିଲେ, 'ଯେ ପ୍ରଥମେ ବ୍ରହ୍ମାଣ୍ଡ ପ୍ରଦକ୍ଷିଣ କରି ଆସିପାରିବ, ତାହାକୁ ଏହି ହାରଟି ଦେବି ।' କାର୍ତ୍ତିକ କ୍ଷଣେମାତ୍ର ବିଳମ୍ବ ନ କରି ତତ୍‌କ୍ଷଣାତ୍ ମୟୂରପିଠିରେ ବସି ବାହାରିଗଲେ । ଗଣେଶ ଆସ୍ତେ ଆସ୍ତେ ମାଆଙ୍କୁ ପ୍ରଦକ୍ଷିଣ କରି ପ୍ରଣାମ କଲେ । ଗଣେଶ ଜାଣନ୍ତି ଯେ ମାଆଙ୍କ ଭିତରେ ହିଁ ବ୍ରହ୍ମାଣ୍ଡ ! ମା ପ୍ରସନ୍ନା ହୋଇ ଗଣେଶଙ୍କ ଗଳାରେ ରତ୍ନହାର ପିନ୍ଧାଇ ଦେଲେ । ବହୁସମୟ ପରେ କାର୍ତ୍ତିକ ଆସି ଦେଖନ୍ତି ଯେ, ଗଣେଶ ହାର ପିନ୍ଧି ବସିଛନ୍ତି ।

ମୁଁ କାନ୍ଦି କାନ୍ଦି ମାଆଙ୍କୁ କହିଥିଲି, 'ମା, ବେଦ-ବେଦାନ୍ତରେ କଅଣ ଅଛି ମୋତେ ଜଣାଇଦିଅ—ପୁରାଣ-ତନ୍ତ୍ରରେ କଅଣ ଅଛି ମୋତେ ଜଣାଇଦିଅ ।' ସେ ଗୋଟି ଗୋଟି କରି ମୋତେ ସବୁ ଜଣାଇଦେଇଛନ୍ତି ।

ସେ ମୋତେ ସବୁ ଜଣାଇ ଦେଇଛନ୍ତି—କେତେ ସବୁ ଦେଖାଇ ଦେଇଛନ୍ତି !

ଦିନେ ଦେଖାଇଲେ—**ଚତୁର୍ଦ୍ଦିଗରେ ଶିବ ଏବଂ ଶକ୍ତି ।** ଶିବ-ଶକ୍ତିଙ୍କର ମିଳନ । ମନୁଷ୍ୟ, ଜୀବଜନ୍ତୁ, ତରୁଲତା, ସମସ୍ତଙ୍କ ମଧ୍ୟରେ ସେହି ଶିବ ଓ ଶକ୍ତି—ପୁରୁଷ ଏବଂ ପ୍ରକୃତି—ଏମାନଙ୍କର ମିଳନ ।

ଆଉଦିନେ ଦେଖାଇଲେ—**ନୃମୁଣ୍ଡସ୍ତୂପାକାର**— ପର୍ବତାକାର ! ଆଉ କିଛି ନାହିଁ ! ତା ମଧ୍ୟରେ ମୁଁ ଏକାକୀ ବସିରହିଛି !

ଆଉଦିନେ ଦେଖାଇଲେ—**ମହାସମୁଦ୍ର !** ମୁଁ ଲୁଣର ପିତୁଳା ହୋଇ ମାପିବାକୁ ଯାଉଛି ! ମାପିବାକୁ ଯାଇ ଗୁରୁଙ୍କ କୃପାରୁ ପଥର ହୋଇଗଲି ! ଦେଖିଲି—ଗୋଟିଏ ଜାହାଜ; ସଙ୍ଗେ ସଙ୍ଗେ ସେଥିରେ ଚଢ଼ିଗଲି ! —**ଗୁରୁ କର୍ଣ୍ଣଧାର !** ତାପରେ ସମୁଦ୍ରକୁ ଡେଇଁପଡ଼ି ମୀନ ହୋଇଗଲି ଏବଂ ସଚ୍ଚିଦାନନ୍ଦ-ସାଗରରେ ଆନନ୍ଦରେ ବୁଲିବାକୁ ଲାଗିଲି ।

ଏସବୁ **ଅତି ଗୁହ୍ୟକଥା ! ବିଚାର କରି କଅଣ ବୁଝିବ ? ସେ ଯେତେବେଳେ ଦେଖାଇଦିଅନ୍ତି, ସେତେବେଳେ ସବୁ ମିଳିଯାଏ—କିଛିର ଅଭାବ ରହେ ନାହିଁ ।**

ବେଶି ବିଚାର କଲେ ଶେଷରେ ହାନି ହୁଏ । ତାଙ୍କୁ ଡାକିବା ବେଳେ ଗୋଟିଏ ଭାବକୁ ଆଶ୍ରୟ କରିବାକୁ ହୁଏ ।— ସଖୀଭାବ, ଦାସୀଭାବ, ସନ୍ତାନଭାବ ବା ବୀରଭାବ ।

ମୋର ସନ୍ତାନଭାବ । ଏହି ଭାବ ଦେଖିଲେ ମାୟାଦେବୀ ବାଟ ଛାଡ଼ିଦିଅନ୍ତି—ଲଜ୍ଜାରେ ।

ବୀରଭାବ ଅତି କଠିନ । ଶାକ୍ତ ଓ ବୈଷ୍ଣବ 'ବାଉଲ୍'ମାନଙ୍କର ଅଛି । ଏହି ଭାବରେ ଠିକ୍ ରହିବା କାଠିକର ପାଠ । ଆଉ ଅଛି—ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁରଭାବ । ମଧୁରଭାବରେ ସବୁ ଅଛି— ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ।

ସିଦ୍ଧ ଅବସ୍ଥାରେ ସବୁ ଭାବ ଭଲ ଲାଗେ । ସେହି ଅବସ୍ଥାରେ କାମଗନ୍ଧ ରହେ ନାହିଁ । ଏହି ଅବସ୍ଥାରେ ପ୍ରକୃତିଭାବ । ନିଜକୁ ପୁରୁଷ ବୋଲି ବୋଧ ରହେ ନାହିଁ । ବୃନ୍ଦାବନରେ ରୂପ ଗୋସ୍ୱାମୀ ମୀରାବାଈଙ୍କୁ ନାରୀ ବୋଲି ଦେଖା କରିବାକୁ ଚାହିଁଲେ ନାହିଁ । ସେତେବେଳେ ମୀରାବାଈ କହିପଠାଇଲେ: 'ଶ୍ରୀକୃଷ୍ଣ ହିଁ ଏକମାତ୍ର ପୁରୁଷ, ବୃନ୍ଦାବନରେ ସମସ୍ତେ ସେହି ପୁରୁଷଙ୍କର ଦାସୀ; ଗୋସ୍ୱାମୀଙ୍କର ପୁରୁଷ-ଅଭିମାନ କଅଣ ଠିକ୍ ?' (୪୪୩) ●

# ନୂଆବର୍ଷରେ 'ବିବେକ-ପ୍ରଭା'

ପ୍ରିୟ ପାଠକପାଠିକାବୃନ୍ଦ, 'ବିବେକ-ପ୍ରଭା' ଓଡ଼ିଆ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପତ୍ରିକା ୨୦୧୭ ଖ୍ରୀଷ୍ଟାବ୍ଦକୁ ଅତୀତର କାଳଗର୍ଭରେ ଲୀନ କରି ଏବଂ ତାର ୨୯ବର୍ଷ ୨ ମାସର ବୟସକୁ ଅତିକ୍ରମ କରି ନୂଆବର୍ଷ-୨୦୧୮ରେ ପଦାର୍ପଣ କରିଛି। ଭଗବାନ ଶ୍ରୀରାମକୃଷ୍ଣଙ୍କର ସର୍ବଧର୍ମ-ସମନ୍ୱୟ, ଆତ୍ମାର ମୋକ୍ଷ ଓ ଜଗତର ହିତସାଧନ, ଶିବଜ୍ଞାନରେ ଜୀବସେବା, ମାଆ ସାରଦାଙ୍କ ବାଣୀ ଓ ଉପଦେଶ, ସ୍ୱାମୀଜୀଙ୍କ ବାଣୀ ଓ ଉପଦେଶ ତଥା ଭାରତ ଓ ଓଡ଼ିଶାର ଧର୍ମ ଏବଂ ସଂସ୍କୃତିର ମାହାତ୍ମ୍ୟ ପ୍ରଚାର ଉଦ୍ଦେଶ୍ୟରେ ଏହି ପତ୍ରିକାଟି ଆରମ୍ଭ ହୋଇଥିଲା ତତ୍କାଳୀନ ଶ୍ରୀରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ସମିତିର ଭକ୍ତମାନଙ୍କ ଦ୍ୱାରା କଟକଠାରେ; ଏହାର ସମ୍ପାଦକ ଥିଲେ ଓଡ଼ିଶାର ସୁଯୋଗ୍ୟ ସାହିତ୍ୟିକ ତଥା ଦାର୍ଶନିକ ପ୍ରଫେସର ତତ୍ତ୍ୱକନ୍ଦର ମିଶ୍ର। ଅସଂଖ୍ୟ ପ୍ରବନ୍ଧ, ନିବନ୍ଧ, ଆଲୋଚନା ପ୍ରଭୃତି ମାଧ୍ୟମରେ ଉପନିଷଦ୍, ଗୀତାର ବାଣୀ ଏବଂ ରାମକୃଷ୍ଣ ବବେକାନନ୍ଦଙ୍କ ବାଣୀ ମାଧ୍ୟମରେ ଏହି ପତ୍ରିକା ଓଡ଼ିଶାର ଜନସାଧାରଣଙ୍କୁ ଉତ୍ସାହିତ କରିଆସୁଛି। କଟକ ରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ସମିତିର ଭକ୍ତମାନେ ଉକ୍ତ ପତ୍ରିକାକୁ ଭୁବନେଶ୍ୱର ରାମକୃଷ୍ଣ ମଠକୁ ଗତ ଜାନୁଆରି, ୨୦୧୪ରେ ହସ୍ତାନ୍ତର କରିଥିଲେ ମଧ ମାନନୀୟ ତତ୍ତ୍ୱବାବୁ ଏହାର ଭାବ ଓ ଭାଷାକୁ ସମୃଦ୍ଧ କରିବାରେ ନିଜର ଯୋଗଦାନକୁ ଅବ୍ୟାହତ ରଖିଛନ୍ତି। ନୂଆବର୍ଷରେ ପଦାର୍ପଣ କରି 'ବିବେକ-ପ୍ରଭା' ସମ୍ପୂର୍ଣ୍ଣ ନିର୍ଲିପ୍ତ ଭାବରେ 'ଆତ୍ମନଃ ମୋକ୍ଷାର୍ଥଂ ଜଗଦ୍ଧିତାୟ ଚ' ପାଇଁ କାର୍ଯ୍ୟ କରି ତାହାର ଜୀବନ ଉତ୍ସର୍ଗ କରିବ ବୋଲି ଆଶା ରଖିଛି।

ଶ୍ରୀରାମକୃଷ୍ଣ ସଂଘ—ଆଇନ୍ ଅନୁସାରେ ମଠ ଓ ମିଶନ ଏହି ଦୁଇଭାଗରେ ବିଭକ୍ତ; କିନ୍ତୁ ଉଭୟ ମଧ୍ୟରେ ଆଦର୍ଶର କୌଣସି ପାର୍ଥକ୍ୟ ନାହିଁ। ଧ୍ୟାନ, ଧାରଣା, ପୂଜା, ପାଠ ପ୍ରଭୃତି ମଠ ବିଭାଗର ଏବଂ ଜଗତର ହିତ ଉଦ୍ଦେଶ୍ୟରେ ହେଉଥିବା ବିବିଧ କର୍ମ ମିଶନ ବିଭାଗର ଅନ୍ତର୍ଗତ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ''କର୍ମ ଓ ପୂଜା'' (work and worship) ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ମଠର ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱାମୀଜୀ ସ୍ୱୟଂ ଲେଖିଥିଲେ, ''ଜ୍ଞାନ, ଭକ୍ତି, ଯୋଗ ଓ କର୍ମର ସମନ୍ୱିତ ଉଦ୍ୟମରେ ଚରିତ୍ର ଗଠିତ କରିବା ଏହି ମଠର ଉଦ୍ଦେଶ୍ୟ।''

ଅବତାର-ପୁରୁଷ ଶ୍ରୀରାମକୃଷ୍ଣଙ୍କ ଜୀବନରେ ବିଭିନ୍ନ ଧର୍ମମତ ଓ ପଥର ଯେଉଁ ଅଭୂତପୂର୍ବ ସମନ୍ୱୟ ପ୍ରଦର୍ଶିତ ହୋଇଛି, ତାହାକୁ ଜୀବନରେ ପରିଣତ କରିବା ହିଁ ରାମକୃଷ୍ଣ-ସଂଘର ବିଶେଷତ୍ୱ। ଶ୍ରୀରାମକୃଷ୍ଣଦେବ ପ୍ରତ୍ୟକ୍ଷ ଭାବରେ ଦେଖାଇଛନ୍ତି ଯେ, ଭାରତୀୟ ଦର୍ଶନର ଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଅଦ୍ୱୈତ ପ୍ରଭୃତି ଭିନ୍ନ ଭିନ୍ନ ମତବାଦ—ଏକ, ଅଦ୍ୱିତୀୟ ବ୍ରହ୍ମକୁ ବିଭିନ୍ନ ଦିଗରୁ ଦର୍ଶନ କରିବାରୁ ହିଁ ସୃଷ୍ଟ ହୋଇଛି। ତାଙ୍କର ଆଧ୍ୟାତ୍ମିକ ଅଭିଜ୍ଞତା ସମସ୍ତ ମତବାଦ, ସମସ୍ତ ଧର୍ମର ସତ୍ୟତାକୁ ସମଭାବରେ ପ୍ରମାଣିତ କରିଛି। ଧର୍ମଜ୍ଞାନର ପ୍ରେରଣା ବ୍ୟତୀତ, ପ୍ରେମ-ଭକ୍ତି ଓ ଧ୍ୟାନବର୍ଜିତ କର୍ମ ମନୁଷ୍ୟକୁ ଶୁଷ୍କ ସମାଜସେବୀରେ ପରିଣତ କରେ ଏବଂ ଉଚ୍ଚ ଆଦର୍ଶ-ପଥରୁ ବିଚ୍ୟୁତ କରି ଲକ୍ଷ୍ୟଭ୍ରଷ୍ଟ କରାଏ। ସେଥିପାଇଁ ସ୍ୱାମୀଜୀ ଶିବଜ୍ଞାନରେ ଜୀବ-ସେବା ଓ ତପସ୍ୟାକୁ ଏହି ମଠର ଅଙ୍ଗ ବୋଲି ପରିଗଣିତ କରିଥିଲେ।

କୌଣସି ଧର୍ମମତ ବା ପଥକୁ କେବଳ ଅନୁସରଣ କରିବା କାହାର ଲକ୍ଷ୍ୟ ହୋଇ ନ ପାରେ। କାରଣ, ହିନ୍ଦୁଶାସ୍ତ୍ର କହନ୍ତି, ସମ୍ପ୍ରଦାୟରେ ଜନ୍ମ ନେବା ଭଲ, କିନ୍ତୁ ସେଥିରେ ସମଗ୍ର ଜୀବନ ବଦ୍ଧ ହୋଇ ରହିବା ସଂକୀର୍ଣ୍ଣତାର ପରିଚାୟକ। ସମ୍ପ୍ରଦାୟର ମତ ଓ ପଥ ଗୌଣ; ମୁଖ୍ୟ ପ୍ରୟୋଜନ ହେଲା ସେଗୁଡ଼ିକର ସାହାଯ୍ୟରେ ଆତ୍ମାର ମୋକ୍ଷସାଧନ। ମୋକ୍ଷ ଶବ୍ଦର ସହଜ ଅର୍ଥ ହେଲା—ସବୁ ବନ୍ଧନରୁ ମୁକ୍ତି। ସମଗ୍ର ମନୁଷ୍ୟସମାଜ ଜରା, ବ୍ୟାଧି, ଦୁଃଖ, ମୃତ୍ୟୁ ପ୍ରଭୃତିର କ୍ରୀତଦାସ। ଏହିପରି ଶତ ଶତ ପ୍ରକାର ଦାସତ୍ୱ, ସହସ୍ର ପ୍ରକାର ଅବାଞ୍ଛିତ ଅବସ୍ଥାର ପ୍ରାପ୍ତି ଓ ବାଞ୍ଛିତ ବସ୍ତୁର ଅପ୍ରାପ୍ତି ମଧ୍ୟରେ ପଞ୍ଚେନ୍ଦ୍ରିୟକୁ ବଦ୍ଧ କରି ଜୀବନ ନିର୍ବାହ କରିବାରେ ମନୁଷ୍ୟର ସୁଖ ନାହିଁ, ଶାନ୍ତି ନାହିଁ। ସେଥିପାଇଁ ମନୁଷ୍ୟ ଏପରି ଏକ ଅବସ୍ଥା ଲାଭ କରିବାକୁ ଚାହେଁ, ଯେଉଁ ଅବସ୍ଥାରେ ତାହାର କୌଣସି ବନ୍ଧନ,

କୌଣସି ଦୁଃଖ କିମ୍ବା ଅଭାବ ରହିବ ନାହିଁ। ମନୁଷ୍ୟ ସଦାସର୍ବଦା ପରିବର୍ତ୍ତନଶୀଳ ସୀମା-ଶୃଙ୍ଖଳିତ ଅପୂର୍ଣ୍ଣ ଜୀବନର ଗଣ୍ଡି ଭିତରୁ ମୁକ୍ତ ହୋଇ ପୂର୍ଣ୍ଣତ୍ୱ ଲାଭ କରିବାକୁ ଚାହେଁ—ସତ୍-ଚିତ୍-ଆନନ୍ଦସ୍ୱରୂପ ହେବାକୁ ଚାହେଁ। ବେଦାନ୍ତ କହେ, ଆତ୍ମା ଅନନ୍ତ, ଅଖଣ୍ଡ ସର୍ବବ୍ୟାପୀ ସଚ୍ଚିଦାନନ୍ଦସ୍ୱରୂପ ଏବଂ କାର୍ଯ୍ୟକାରଣ ଓ ଦେଶକାଳର ଅତୀତ। ମନୁଷ୍ୟ ନାମରୂପର ମରୀଚିକାରେ ପଡ଼ି ଶୁଦ୍ଧସ୍ୱରୂପ ଆତ୍ମାକୁ ଜାଣିପାରେ ନାହିଁ।

ଧର୍ମ ଶିକ୍ଷା ଦିଏ, ପ୍ରବୃତ୍ତି-ପଥରେ ପରିଚାଳିତ ହୋଇ ମୁକ୍ତ ହେବା ଅସମ୍ଭବ। ମନୁଷ୍ୟର ସ୍ଥୂଳ ଓ ସୂକ୍ଷ୍ମ ବନ୍ଧନରୁ ମୁକ୍ତ ହେବା ପାଇଁ ତାହାକୁ ତାହାର ବାହ୍ୟ ଓ ଅନ୍ତରର ପ୍ରକୃତିକୁ ବଶୀଭୂତ କରିବାକୁ ପଡ଼ିବ। ନିବୃତ୍ତିର ପଥ ହିଁ ବନ୍ଧନମୁକ୍ତ ହେବାର ଏକମାତ୍ର ଉପାୟ। ନୀତିର ଭିତ୍ତି ହିଁ ବନ୍ଧନମୁକ୍ତି। ନୀତି ହେଉଛି ମୁକ୍ତିର ଏବଂ ଦୁର୍ନୀତି ହେଉଛି ବନ୍ଧନର କାରଣ। ମନୁଷ୍ୟକୁ ଏହି ମୋହ-ନିଦ୍ରାରୁ ଉଠାଇ ତାହାକୁ ତାହାର ବ୍ରହ୍ମସ୍ୱରୂପ ସମ୍ବନ୍ଧରେ ସଚେତନ କରିବା ଉଦ୍ଦେଶ୍ୟରେ ଅସଂଖ୍ୟ ନିବନ୍ଧ ମାଧ୍ୟମରେ 'ବିବେକ-ପ୍ରଭା' ମନୁଷ୍ୟ-ସମାଜକୁ ଆହ୍ୱାନ କରିଆସୁଛି।

ଏକ ଶ୍ରେଣୀର ହିନ୍ଦୁଶାସ୍ତ୍ରକାର ଜୀବକୁ ଶିବଜ୍ଞାନରେ ଶ୍ରଦ୍ଧା କରିବା ପାଇଁ ଶିକ୍ଷା ଦେଉଛନ୍ତି ସତ, କିନ୍ତୁ ଆଉ ଦଳେ ଏହି ମହାନ୍ ତତ୍ତ୍ୱକୁ ମନୁଷ୍ୟ-ଜୀବନରେ କାର୍ଯ୍ୟକାରୀ କରାଇବାରେ ବାଧା ସୃଷ୍ଟି କରୁଛନ୍ତି। ଆଜି ମଧ୍ୟ ସେମାନେ ଧର୍ମର ଆସନରେ ବସି ଯେପରି ଉଚ୍ଚକଣ୍ଠରେ ମାନବ-ଆତ୍ମାର ନିତ୍ୟଶୁଦ୍ଧ ବ୍ରହ୍ମସ୍ୱରୂପର ମହତ୍ତ୍ୱ କୀର୍ତ୍ତନ କରୁଛନ୍ତି, ସମାଜର ଆସନରେ ବସି ସେହିପରି ଉଚ୍ଚତାନରେ ମନୁଷ୍ୟର ହୀନତ୍ୱ-ସମ୍ବନ୍ଧୀୟ କଳ୍ପିତ ମତବାଦକୁ ପ୍ରଚାର କରୁଛନ୍ତି। ଜନ୍ମାନ୍ତରବାଦର ବିକୃତ ବ୍ୟାଖ୍ୟାର ମୂଳରେ ଏହି ଯୁଗରେ ମଧ୍ୟ ସେମାନେ ସମାଜର ଏକ ଶ୍ରେଣୀର ମନୁଷ୍ୟ ପ୍ରତି ଅନ୍ୟ ଶ୍ରେଣୀର ମନୁଷ୍ୟର ଅବଜ୍ଞାକୁ ପୂର୍ବ କର୍ମଫଳ ଓ ନିତାନ୍ତ ସ୍ୱାଭାବିକ ବୋଲି ମାନିନେବାକୁ ଶିକ୍ଷା ଦେଉଛନ୍ତି। ଏହିପରି ଦେଶର ଅବନତ ଅନୁନ୍ନତ ଜନସାଧାରଣଙ୍କୁ ଶତ ଶତ ଶତାବ୍ଦୀ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥିଲା ଯେ, ସେମାନେ ଜନ୍ମରୁ ପାପୀ, ସେମାନେ ନୀଚ ଓ ପତିତ, ସେମାନେ ଶକ୍ତିହୀନ, ସେମାନେ ଅକିଞ୍ଚନ।

ଅଜ୍ଞତା ଓ ଦାରିଦ୍ର୍ୟର ଗଭୀର ପଙ୍କରେ ନିମଗ୍ନ ହୋଇ ଏହି ନରନାରୀଗଣ ଯୁଗଯୁଗାନ୍ତର ଧରି କାଠ କାଟୁଛନ୍ତି, ମାଟି ହାଣୁଛନ୍ତି ଏବଂ ଅଭିଜାତବର୍ଗଙ୍କର ସେବା କରୁଛନ୍ତି, କିନ୍ତୁ ଏହି କାର୍ଯ୍ୟର ବିନିମୟରେ ପାଉଛନ୍ତି ଲାଞ୍ଛନା, ଅବଜ୍ଞା ଓ ଘୃଣା!

ଆଜି ମଧ୍ୟ ସେମାନେ ଦଣ୍ଡଦାତା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଈଶ୍ୱରଙ୍କର ବିଶ୍ୱସ୍ତ ପ୍ରତିନିଧି ପୁରୋହିତବର୍ଗର ଆଦେଶକୁ ଭୟରେ ପାଳନ କରୁଛନ୍ତି ଏବଂ ଦୁଃଖ-ଦୈନ୍ୟର ନିର୍ମମ ଯନ୍ତ୍ରଣାରେ କାନ୍ଦୁଛନ୍ତି। କେହି କେହି ଏହି ଯନ୍ତ୍ରଣାରୁ ମୁକ୍ତି ପାଇବା ଆଶାରେ ବିଧର୍ମର ଆଶ୍ରୟ ଗ୍ରହଣ କରୁଛନ୍ତି।

ଯୁଗାଚାର୍ଯ୍ୟ ସ୍ୱାମୀ ବିବେକାନନ୍ଦ ବେଦାନ୍ତର ଚୂଡ଼ାନ୍ତ ସାମ୍ୟବାଦକୁ ମନୁଷ୍ୟର ବ୍ୟାବହାରିକ ଜୀବନରେ ପ୍ରୟୋଗ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହି ଉଦ୍ଦେଶ୍ୟରେ ସ୍ୱାମୀଜୀ ଅରଣ୍ୟ ଓ ପର୍ବତର ଅନ୍ତରାଳରେ ଥିବା ବେଦାନ୍ତକୁ ଲୋକାଳୟକୁ ଆଣି ଜନସାଧାରଣଙ୍କ ସେବାରେ ନିୟୋଜିତ କରିଛନ୍ତି। ସବୁ ମନୁଷ୍ୟଙ୍କୁ ସେ ଈଶ୍ୱର-ଦୃଷ୍ଟିରେ ଦେଖିବା ପାଇଁ ଉପଦେଶ ଦେଇଛନ୍ତି। ଏହି ଉପଦେଶକୁ ଅନୁସରଣ କରି ଧନବାନ ତାର ଧନ, ବିଦ୍ୱାନ୍ ତାର ବିଦ୍ୟା, ଶକ୍ତିମାନ ତାର ଶକ୍ତି, କୃଷକ ତାର କୃଷିକାର୍ଯ୍ୟ, ଶ୍ରମିକ ତାର ଶ୍ରମ 'ବହୁଜନହିତାୟ ବହୁଜନସୁଖାୟ' ନିମିତ୍ତ ନିଯୁକ୍ତ କଲେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଥିବା ସମସ୍ତ ଭେଦ ଓ ବୈଷମ୍ୟ ବିଦୂରିତ ହୋଇ ଜଗତରେ ପ୍ରକୃତ ସାମ୍ୟ ଓ ଶାନ୍ତି ପ୍ରତିଷ୍ଠିତ ହୋଇପାରିବ।

ସ୍ୱାମୀଜୀଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଶିବଜ୍ଞାନରେ ଜୀବ-ସେବା' ବ୍ରତ ସମାଜର ଏବଂ ଜାତିର-ବିରୋଧୀ ବିଷବୃକ୍ଷର ମୂଳକୁ ଉପାଡ଼ିଦେବ।

ଉପନିଷଦ୍‌ର ଜୀବ-ବ୍ରହ୍ମ-ଅଭେଦମୂଳକ ଏହି ସେବାଧର୍ମ ହିନ୍ଦୁ ସମ୍ପ୍ରଦାୟ ଭିତରେ ସମନ୍ୱୟ ପ୍ରତିଷ୍ଠା କରିବ। ମନୁଷ୍ୟ ସାଧନା ମାଧ୍ୟମରେ ନିଜର ବ୍ରହ୍ମସ୍ୱରୂପକୁ ବ୍ୟକ୍ତ କରିବା ପାଇଁ ଏବଂ ଜାତିବର୍ଣ୍ଣନିର୍ବିଶେଷରେ ସବୁ ନରନାରୀଙ୍କୁ ନାରାୟଣ-ଜ୍ଞାନରେ ସେବା କରି ସେମାନଙ୍କର ବ୍ରହ୍ମସ୍ୱରୂପକୁ ବ୍ୟକ୍ତ କରିବାରେ ସାହାଯ୍ୟ କରିବା ପାଇଁ ସ୍ୱାମୀଜୀ ସ୍ଥାପନ କରିଥିଲେ ରାମକୃଷ୍ଣ ମଠ ଓ ରାମକୃଷ୍ଣ ମିଶନ। ସ୍ୱାମୀଜୀଙ୍କର ଏହି ମହାନ୍ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବା ପାଇଁ 'ବିବେକ-ପ୍ରଭା' ତାହାର ଲେଖକ, ଗ୍ରାହକ, ପାଠକ ଓ ଶୁଭାକାଙ୍କ୍ଷୀମାନଙ୍କଠାରୁ ସାହାଯ୍ୟ ଓ ସହାନୁଭୂତି ପ୍ରାର୍ଥନା କରୁଛି।●

# ସନାତନ ଧର୍ମର ବୈଶିଷ୍ଟ୍ୟ

ପ୍ରମଥନାଥ ତର୍କଭୂଷଣ

ଆମମାନଙ୍କ ମଧ୍ୟରୁ ଶତକଡ଼ା ଅନେଶତ ଜଣ ଲୋକ ଜାଣନ୍ତି ନାହିଁ ଯେ, ଆମେ ଯେଉଁ ହିନ୍ଦୁ ଧର୍ମ ଅବଲମ୍ବନ କରିଛୁ ବୋଲି ଆତ୍ମପରିଚୟ ଦେଉ ଏବଂ ସେହି ପରିଚୟ ପ୍ରଦାନ କରି ଗୌରବ ଅନୁଭବ କରୁ ସେହି ସନାତନ ହିନ୍ଦୁଧର୍ମର ସ୍ୱରୂପ କଅଣ ? ମୋର ମନେହୁଏ, ଆଜି ଯଦି ସବୁ ହିନ୍ଦୁମାନେ ବୁଝିଥାନ୍ତେ ହିନ୍ଦୁଧର୍ମ କଅଣ, ତାହେଲେ ହିନ୍ଦୁଜାତିର ବର୍ତ୍ତମାନ ଯେଉଁ ଦୁରବସ୍ଥା, ତାହା ହୋଇ ନ ଥାନ୍ତା। ସବୁ ଧର୍ମର ଗୋଟିଏ ସାମାନ୍ୟ ରୂପ ଅଛି ଏବଂ ଗୋଟିଏ ବିଶେଷ ରୂପ ଅଛି। ସାମାନ୍ୟ ବା ସାଧାରଣ ରୂପ ଦେଶ, କାଳ, ପାତ୍ର ଓ ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ପ୍ରଭାବିତ ହୁଏ ନାହିଁ; ତାହା ଚିରକାଳ ଏକ ରୂପରେ ଥାଏ; କୌଣସି ସମୟରେ କୌଣସି ଭାବରେ ତାହା ପରିବର୍ତ୍ତିତ ହୁଏ ନାହିଁ। ଧର୍ମର ଏହି ପ୍ରକାର ରୂପକୁ ସନାତନ କୁହାଯାଏ। ଯାହା ପୂର୍ବେ ଥିଲା, ଏବେ ନାହିଁ ବା ପରେ ରହିବ ନାହିଁ, ଦେଶ କାଳ ବା ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ଅନୁସାରେ ଯାହା ପରିବର୍ତ୍ତିତ ହୋଇଥାଏ, ତାହା ହେଲା ଧର୍ମର ବାହ୍ୟ ରୂପ ବା ବହିରଙ୍ଗ ସାଧନ। ଧର୍ମର ଏହି ପ୍ରକାର ବାହ୍ୟରୂପ ବା ବହିରଙ୍ଗ ସାଧନକୁ ଲକ୍ଷ୍ୟ କରି ଶାସ୍ତ୍ରକାର କହିଛନ୍ତି—

''ଅନ୍ୟେ କୃତଯୁଗେ ଧର୍ମାଃ ତ୍ରେତାୟାମପରେ ମତାଃ।
ଦ୍ୱାପରେ ଽନ୍ୟ ଏବୋକ୍ତାଃ କଲାବନ୍ୟେ ପ୍ରକୀର୍ତ୍ତିତାଃ ॥

(ମହାଭାରତ)

ସତ୍ୟଯୁଗର ଧର୍ମ ଅନ୍ୟ ପ୍ରକାର ଥିଲା। ତ୍ରେତୟାରେ ମଧ୍ୟ ଧର୍ମ ଭିନ୍ନ ପ୍ରକାରର ଥିଲା, ଦ୍ୱାପରରେ ଅନ୍ୟ ପ୍ରକାର ଧର୍ମର କଥା ଅଛି ଏବଂ କଳିଯୁଗର ଧର୍ମ ଭିନ୍ନ ବୋଲି ବର୍ଣ୍ଣିତ ହୋଇଛି।

ପ୍ରତ୍ୟେକ ବ୍ୟକ୍ତିର ଯେପରି ବାଲ୍ୟ, କୈଶୋର, ଯୌବନ ଓ ବାର୍ଦ୍ଧକ୍ୟ କ୍ରମାନୁସାରେ ଆସେ ଏବଂ ଏହା ଅବଶ୍ୟମ୍ଭାବୀ, ସେହିପରି ମନୁଷ୍ୟ-ସମାଜରେ ମଧ୍ୟ ବାଲ୍ୟ, ଯୌବନ ପ୍ରଭୃତି କ୍ରମିକ ଅବସ୍ଥା ଅବଶ୍ୟମ୍ଭାବୀ। ବ୍ୟକ୍ତିଗତ ଜୀବନରେ ଯେପରି ବାଲ୍ୟ କ୍ରିୟା ଯୌବନରେ ସମ୍ଭବପର ନୁହେଁ, ଯୌବନୋଚିତ କ୍ରିୟା ବାର୍ଦ୍ଧକ୍ୟରେ ସମ୍ଭବପର ନୁହେଁ, ସେହିପରି ମନୁଷ୍ୟ-ସମାଜର ମଧ୍ୟ ବାଲ୍ୟ, ଯୌବନ ଓ ବାର୍ଦ୍ଧକ୍ୟର କ୍ରମ ଅବଶ୍ୟମ୍ଭାବୀ। ଧର୍ମର ଅଧିକାରୀ ହେଉଛନ୍ତି ମନୁଷ୍ୟ। ବ୍ୟକ୍ତିଗତ ଭାବରେ, ସାମାଜିକ ଭାବରେ ଯେତେବେଳେ ମନୁଷ୍ୟର ସର୍ବଦା ପରିବର୍ତ୍ତନ ବା ରୂପାନ୍ତର ହେଉଅଛି, ସେତେବେଳେ ମନୁଷ୍ୟର ଧର୍ମ ଚିରକାଳ ଏକପ୍ରକାର ରହିବ, ଏହା ଭାବିବା ଆଦୌ ଯୁକ୍ତିସିଦ୍ଧ ନୁହେଁ। ମାନବ-ପ୍ରକୃତିର ପରିବର୍ତ୍ତନଶୀଳତା ଉପରେ ମାନବ-ଧର୍ମର ପରିବର୍ତ୍ତନଶୀଳତା ନିର୍ଭର କରିଥାଏ, ଏହା ଧ୍ରୁବ ସତ୍ୟ। ଏହି ଧ୍ରୁବ ସତ୍ୟ ପ୍ରତି ଲକ୍ଷ୍ୟ ରଖି ଭଗବାନ ବେଦବ୍ୟାସ ନିଃସଂକୋଚରେ ଘୋଷଣା କରିଛନ୍ତି—''ଅନ୍ୟେ କୃତଯୁଗେ'' ଇତ୍ୟାଦି।

ଯୁଗର ପରିବର୍ତ୍ତନ ଅନୁସାରେ ଅନୁଷ୍ଠେୟ ଧର୍ମ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ, ଏହା କହି ଶାସ୍ତ୍ରକାରମାନେ ସନ୍ତୋଷଲାଭ କରି ନାହାନ୍ତି। ସେମାନେ ଯୁଗେ ଯୁଗେ ଧର୍ମ ପରିବର୍ତ୍ତନ ଦ୍ୱାରା ଧର୍ମର ବାହ୍ୟ ଆକାର କିପରି ପରିବର୍ତ୍ତିତ ହୁଏ, ତାହା ସ୍ପଷ୍ଟଭାବରେ ଦେଖାଇଛନ୍ତି, ଯଥା—

''କୃତେ ଯଦ୍ଧ୍ୟାୟତୋ ବିଷ୍ଣୁଂ ତ୍ରେତୟାଂ ଯଜତୋ ମଖୈଃ।
ଦ୍ୱାପରେ ପରିଚର୍ଯ୍ୟାୟାଂ କଲୌ ତଦ୍ଧରିକୀର୍ତ୍ତନାତ୍ ॥

ଭାଗବତ, ୧୨।୩।୫୨

ସତ୍ୟଯୁଗରେ ଧ୍ୟାନ ଦ୍ୱାରା, ତ୍ରେତାଯୁଗରେ ଯଜ୍ଞ ଦ୍ୱାରା ଏବଂ ଦ୍ୱାପର ଯୁଗରେ ଅର୍ଚ୍ଚନା ମାର୍ଗରେ ଶ୍ରୀବିଷ୍ଣୁଙ୍କର ଆରାଧନା ଦ୍ୱାରା ଯେଉଁ ଅଭୀଷ୍ଟ ଲାଭ ହୁଏ, କଳିଯୁଗରେ କେବଳ ହରିକୀର୍ତ୍ତନ ଦ୍ୱାରା ତାହା ମିଳିପାରେ। ଅନ୍ୟ ଦିଗରେ ମହର୍ଷି କଣାଦ କହିଛନ୍ତି—

''ଯତୋଽଭ୍ୟୁଦୟ ନିଃଶ୍ରେୟସସିଦ୍ଧିଃ ସ ଧର୍ମଃ ॥''

ଯାହା ଦ୍ୱାରା ଅଭ୍ୟୁଦୟ (ଐହିକ ଓ ପାରତ୍ରିକ ସୁଖ) ଏବଂ ନିଃଶ୍ରେୟସ (ଆତ୍ୟନ୍ତିକ ଦୁଃଖନିବୃତ୍ତି) ମିଳେ, ତାହା ହିଁ ଧର୍ମ। ମହର୍ଷି କଣାଦଙ୍କ ଦ୍ୱାରା ପ୍ରଣୀତ ଏହି ଧର୍ମଲକ୍ଷଣ ଯେପରି ଉଦାର ସେହିପରି ସର୍ବଲକ୍ଷ୍ୟ-ସମନ୍ୱିତ। ପାରଲୌକିକ ସୁଖ ଏବଂ ଆତ୍ୟନ୍ତିକ ଦୁଃଖନିବୃତ୍ତି ବା ନିର୍ବାଣ ହିଁ ଯେ କେବଳ ଧର୍ମର ଲକ୍ଷ୍ୟ ଏହିପ୍ରକାର ବିଶ୍ୱାସ ଅଧିକାଂଶ ବ୍ୟକ୍ତିଙ୍କର ରହିଛି। ସେମାନଙ୍କ ମତରେ ଲୌକିକ ସୁଖ ସ୍ରକ୍ ଚନ୍ଦନ ଭୋଜ୍ୟ ପାନୀୟ ପ୍ରଭୃତି ଦ୍ୱାରା ସମ୍ପାଦିତ ହୋଇଥାଏ, ତାହା ପାଇଁ ଧର୍ମାନୁଷ୍ଠାନର କୌଣସି ଆବଶ୍ୟକତା ନାହିଁ। ଏହି ମତକୁ ସମର୍ଥନ କରିବା ପାଇଁ ସେମାନେ ଆହୁରି କହିଥାନ୍ତି ଯେ, ଧର୍ମ ବିଷୟରେ ପ୍ରମାଣ ଶ୍ରୁତି ବ୍ୟତୀତ ଆଉ କିଛି ନାହିଁ। ମୀମାଂସାସୂତ୍ରକାର ମହର୍ଷି ଜୈମିନୀ କହିଛନ୍ତି:

''ଚୋଦନା ଲକ୍ଷଣୋଽର୍ଥୋ ଧର୍ମଃ।''

ଅର୍ଥାତ୍ ବେଦ ଯାହାକୁ ଅଭୀପ୍ସା-ପ୍ରାପ୍ତିର ହେତୁ ବୋଲି କହି ବୋଧ କରାଇଦିଏ ତାହା ହିଁ ଧର୍ମ, ଯେପରି ଅଗ୍ନିହୋତ୍ର ଓ ଦର୍ଶ ପୂର୍ଣ୍ଣମାସ ଯାଗ ପ୍ରଭୃତି। ଇଷ୍ଟସିଦ୍ଧିର ଉପାୟ ବୁଝିବାକୁ ହେଲେ ଏକମାତ୍ର ଶ୍ରୁତି ବ୍ୟତୀତ ଅନ୍ୟ କୌଣସି ପ୍ରମାଣ ନାହିଁ, କେବଳ ଶ୍ରୁତି ଯାହାକୁ ଇଷ୍ଟପ୍ରାପ୍ତିର ଉପାୟ ବୋଲି କହନ୍ତି, ତାହା ହିଁ ସନାତନ ଧର୍ମ ବା ହିନ୍ଦୁଧର୍ମ। ମୀମାଂସକଗଣ କହିଥାନ୍ତି ଯେ, ବେଦ ବ୍ୟତୀତ ଅନ୍ୟ ପ୍ରମାଣ ଅର୍ଥାତ୍ ପ୍ରତ୍ୟକ୍ଷ ବା ଅନୁମାନ ଦ୍ୱାରା ଯାହା ବୁଝାଯାଏ ତାହା ଯଦି ବେଦକୁ ବୁଝାଇବା ପାଇଁ ପ୍ରବୃତ୍ତ ହୁଏ, ତାହେଲେ ବେଦର ଆଉ ପ୍ରାମାଣ୍ୟ ରହେ ନାହିଁ। ଯାହା ଅନ୍ୟ କୌଣସି ପ୍ରମାଣର ସାହାଯ୍ୟରେ ବୁଝାଯାଏ, ସେହିପରି ବସ୍ତୁକୁ ଅଧିଗତ ବା ଜ୍ଞାତ ବୋଲି କୁହାଯାଏ। ଯାହା ଅଜ୍ଞାତ ବସ୍ତୁକୁ ବୁଝାଇଥାଏ ତାହାର ନାମ ପ୍ରମାଣ। ପ୍ରତ୍ୟକ୍ଷ ବା ଅନୁମାନ ପ୍ରଭୃତି କୌଣସି ଲୌକିକ ପ୍ରମାଣ ଦ୍ୱାରା ଅଧିଗତ ବା ଜ୍ଞାତ ବସ୍ତୁକୁ ବେଦ ପ୍ରତିପାଦନ କରୁଛି ବୋଲି ବେଦର ପ୍ରାମାଣ୍ୟ ରହେ ନାହିଁ। ଅଗ୍ନିହୋତ୍ର ଯାଗ କଲେ ପରକାଳରେ ମୋର ସୁଖ ବା ସ୍ୱର୍ଗ ମିଳିବ ଏହି କଥାକୁ ଆମେ ପ୍ରତ୍ୟକ୍ଷ ବା କୌଣସି ଅନୁମାନ ପ୍ରମାଣ ଦ୍ୱାରା ବୁଝିପାରୁ ନାହିଁ, ଅଥଚ ଏକମାତ୍ର ବେଦ କହିଛି—

''ଅଗ୍ନିହୋତ୍ରଂ ଜୁହୁୟାତ୍ ସ୍ୱର୍ଗକାମଃ।''

ଅର୍ଥାତ୍, ଯେ ସ୍ୱର୍ଗ ଚାହେଁ ସେ ଅଗ୍ନିହୋତ୍ର ହୋମ କରିବ।

ସନ୍ଧ୍ୟା ଓ ସକାଳେ ସଂସ୍କାରଯୁକ୍ତ ଅଗ୍ନିରେ କେତେଥର ସୂର୍ଯ୍ୟ ଓ ଅଗ୍ନିଙ୍କ ଉଦ୍ଦେଶ୍ୟରେ ଘୃତ ନିକ୍ଷେପ କରି ହୋମ କଲେ ପରକାଳରେ ସ୍ୱର୍ଗ ମିଳିବ, ଏହି ତଥ୍ୟ ବେଦ ଆମକୁ ଦିଏ। ବେଦ ଯଦି ଏହା ନ କହିଥାନ୍ତା, ତାହେଲେ ପ୍ରତ୍ୟକ୍ଷାଦି କୌଣସି ଲୌକିକ ପ୍ରମାଣ ଦ୍ୱାରା ଏହି ତଥ୍ୟର କିଛି ବୁଝାଯାଇ ନ ଥାନ୍ତା। ଏହାକୁ କିଏ ଅସ୍ୱୀକାର କରିବ? ଏହା ଦ୍ୱାରା ସିଦ୍ଧ ହେଉଛି ଯେ, ଧର୍ମବିଷୟରେ ବେଦ ଏକମାତ୍ର ପ୍ରମାଣ, ବେଦ ବ୍ୟତୀତ ଅନ୍ୟ କୌଣସି ପ୍ରମାଣ ଦ୍ୱାରା ଧର୍ମତତ୍ତ୍ୱ ବୁଝାଯାଇପାରେ ନାହିଁ। ଏହି ବେଦୋକ୍ତ ଧର୍ମାନୁଷ୍ଠାନ ଦ୍ୱାରା କୌଣସି ପ୍ରକାରେ ଐହିକ ଅଭ୍ୟୁଦୟ ହୋଇପାରେ ନାହିଁ। ଐହିକ ଅଭ୍ୟୁଦୟର ଉପାୟ କ'ଣ ତାହା ଆମେ ଆମର ପ୍ରତ୍ୟକ୍ଷ ଓ ଅନୁମାନ ପ୍ରଭୃତି ଲୌକିକ ପ୍ରମାଣ ସାହାଯ୍ୟରେ ଜାଣିପାରୁ। ତାହା ଜାଣି ଯଦି ଆମେ ସେହି ଉପାୟରେ ଅନୁଷ୍ଠାନ କରୁ ତାହେଲେ ଆମେ ନିଶ୍ଚୟ ଅଭ୍ୟୁଦୟ ଲାଭ କରିବୁ।

ଆମର ବର୍ତ୍ତମାନ ଓ ଭବିଷ୍ୟତରେ ଐହିକ ଅଭ୍ୟୁଦୟ ଲାଭର ଉପାୟ କ'ଣ ତାହା ଯଦି ଆମେ ନିଜ ଦୋଷ ଯୋଗୁ ନ ଜାଣୁ ବା ଜାଣି ମଧ୍ୟ ନାନା ଦୋଷବଶତଃ ସେହି ଉପାୟର ଅନୁଷ୍ଠାନ କରି ନ ପାରୁ ତାହେଲେ ଆମେ ଅଭ୍ୟୁଦୟ ଲାଭ କରିପାରିବୁ ନାହିଁ। ଏଥିରେ ବେଦର ଦୋଷ କ'ଣ, ଧର୍ମର ବା ଏହା ସହିତ ସମ୍ବନ୍ଧ କ'ଣ?

ଐହିକ ଅଭ୍ୟୁଦୟ ସହିତ ବେଦପ୍ରତିପାଦିତ ସନାତନ ହିନ୍ଦୁଧର୍ମର ଏପରି କୌଣସି ସାଧ୍ୟ-ସାଧନ-ଭାବ ସମ୍ବନ୍ଧ ନାହିଁ ଯେ, ଯାହା ପାଇଁ ଆମେ କହିପାରିବା, ବେଦୋକ୍ତ ଧର୍ମ ଆମେ ପାଳନ କରିପାରୁ ନାହିଁ ବୋଲି ଆମେ ଐହିକ

ଅଭ୍ୟୁଦୟରୁ ବଞ୍ଚିତ ହେବାକୁ ବସିଛୁ। ବାସ୍ତବ କଥା ହେଲା ଆମେ ବୁଝିପାରୁ ନାହିଁ ଯେ କିପରି ଆମର ଲୌକିକ ଅଭ୍ୟୁଦୟ ଘଟିବ, ଅଥବା ସବୁ ବୁଝି ସୁଦ୍ଧା ନିଜର ଅସାମର୍ଥ୍ୟ କାରଣରୁ ସେଗୁଡ଼ିକର ପାଳନ କରିପାରୁ ନାହୁଁ। ଏହିସବୁ କାରଣରୁ ଆମମାନଙ୍କର ଅର୍ଥାତ୍ ସନାତନ ଧର୍ମକୁ ମାନୁଥିବା ବ୍ୟକ୍ତିମାନଙ୍କର ଏତେ ଦୁର୍ଦ୍ଦଶା। ଧର୍ମର ପାଳନ ଆମେ ଛାଡ଼ି ଦେଇଛୁ ବା ଦେଉଛୁ ଏବଂ ଅଧାର୍ମିକ ବା ଅବିଶ୍ୱାସୀ ହୋଇଯାଇଛୁ; ତେଣୁ ଆମର ଜାତୀୟ ଅଭ୍ୟୁଦୟ ଘଟୁ ନାହିଁ, ଏହି ପ୍ରକାର ଉକ୍ତି ଆସ୍ତିକ ହିନ୍ଦୁମାନଙ୍କ ମୁହଁରେ ଶୋଭା ପାଏ ନାହିଁ। ଏହା ହେଲା ମୀମାଂସାର ସିଦ୍ଧାନ୍ତ।

ଏହି ସିଦ୍ଧାନ୍ତ ଅନୁସାରେ ଯେଉଁମାନେ ଚାଲିଥାନ୍ତି ସେମାନେ ଐହିକ ଅଭ୍ୟୁଦୟ ସହିତ ଧର୍ମର କୌଣସି ସମ୍ବନ୍ଧ ଖୋଜି ପାଆନ୍ତି ନାହିଁ ବୋଲି ଯାହା ଦ୍ୱାରା ଅଭ୍ୟୁଦୟ ଓ ନିଃଶ୍ରେୟସ ସିଦ୍ଧ ହୁଏ ତାହା ହିଁ ଧର୍ମ, ଏହି ଯେଉଁ ଆର୍ଷସିଦ୍ଧାନ୍ତ ଅଛି ତା ଉପରେ ଆସ୍ଥାବାନ ନୁହଁନ୍ତି। ସୁତରାଂ ଧର୍ମ ସାହାଯ୍ୟରେ ଆମେ ଏହି ସଂସାରରେ ସବୁ ପ୍ରକାର ଅଭ୍ୟୁଦୟ ଲାଭ କରିପାରିବା ଏହି ପ୍ରକାର ସିଦ୍ଧାନ୍ତକୁ ମାନିବାକୁ ଚାହାଁନ୍ତି ନାହିଁ। ଏହିପ୍ରକାର ସିଦ୍ଧାନ୍ତ ଯେ ଏକଦେଶୀ ଏବଂ ଏହା ବାସ୍ତବ ଶ୍ରୁତିମୂଳକ ନୁହେଁ, ଏହା ବୁଝାଇବା ପାଇଁ ମହର୍ଷି କଣାଦ ଧର୍ମର ଲକ୍ଷଣ ନିର୍ଦ୍ଦେଶ କରି କହିଛନ୍ତି, ''ଯାହା ଦ୍ୱାରା ଅଭ୍ୟୁଦୟ ଏବଂ ନିଃଶ୍ରେୟସ ହୋଇଥାଏ ତାହା ହିଁ ଧର୍ମ।'' ଯାହା ଦ୍ୱାରା ଅଭ୍ୟୁଦୟ ଓ ନିଃଶ୍ରେୟସ ଏହି ଉଭୟ ପ୍ରକାର ଅଭିଳାଷ ପୂର୍ଣ୍ଣ ହୁଏ ତାହା ହିଁ ଧର୍ମ, ଅର୍ଥାତ୍ ଯାହା କେବଳ ଅଭ୍ୟୁଦୟର କାରଣ କିନ୍ତୁ ନିଃଶ୍ରେୟସର କାରଣ ନୁହେଁ ତାହା ଧର୍ମ ନୁହେଁ ଏବଂ ଯାହା କେବଳ ନିଃଶ୍ରେୟସର କାରଣ କିନ୍ତୁ ଅଭ୍ୟୁଦୟର କାରଣ ନୁହେଁ ତାହା ମଧ୍ୟ ଧର୍ମ ନୁହେଁ—ଏହା ହେଲା ମହର୍ଷି କଣାଦଙ୍କର ଅଭିମତ। ଏବେ ବୁଝିବା ଅଭ୍ୟୁଦୟ କାହାକୁ କହନ୍ତି ଏବଂ ନିଃଶ୍ରେୟସ କାହାକୁ କହନ୍ତି। ଅଭ୍ୟୁଦୟ ଶବ୍ଦ ସୁଖ ଓ ସୁଖର ସାଧନକୁ ବୁଝାଏ। ନିଃଶ୍ରେୟସ ଶବ୍ଦର ଅର୍ଥ ଦୁଃଖନିରୋଧ। ସୁତରାଂ କଣାଦ ମହର୍ଷିକୃତ ଧର୍ମଲକ୍ଷଣର ତାତ୍ପର୍ଯ୍ୟ ହେଲା ଯାହା ଦ୍ୱାରା ସୁଖ ମିଳେ ଏବଂ ଯାହା ଦ୍ୱାରା ଦୁଃଖର ଅବସାନ ଘଟେ ତାହା ହିଁ ଧର୍ମ।

ଏହି ଅଭ୍ୟୁଦୟ ଓ ନିଃଶ୍ରେୟସର ଅସାଧାରଣ ଉପାୟ ହେଉଛି ଧର୍ମ, ତାହାର ସ୍ୱରୂପ କଅଣ ଇତ୍ୟାଦି ବୁଝିବାକୁ ହେଲେ ଆମମାନଙ୍କୁ ବେଦର ଆଶ୍ରୟ ଗ୍ରହଣ କରିବାକୁ ହେବ। କାରଣ ଏହି ପୃଥିବୀରେ ଯେତେ ଧର୍ମଗ୍ରନ୍ଥ ଅଛି ସେମାନଙ୍କ ମଧ୍ୟରେ ବେଦ ହିଁ ଏକମାତ୍ର ପ୍ରାଚୀନ ଗ୍ରନ୍ଥ। ଏହା ଯେ କେବଳ ବେଦକୁ ମାନୁଥିବା ସନାତନ ଧର୍ମାବଲମ୍ବୀମାନଙ୍କର କଥା ତାହା ନୁହେଁ, ବର୍ତ୍ତମାନ ଯୁଗର ସମସ୍ତ ସଭ୍ୟ ମାନବ-ଜାତିଙ୍କ ମଧ୍ୟରୁ ଯେଉଁମାନେ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମଧ୍ୟରେ ଅଗ୍ରଣୀ ସେମାନେ ଏକବାକ୍ୟରେ ଏହା ସ୍ୱୀକାର କରିଥାନ୍ତି ଯେ, ମନୁଷ୍ୟର ଭାଷାରେ ଏପର୍ଯ୍ୟନ୍ତ ଯେତେ ଗ୍ରନ୍ଥ ଲିଖିତ ହୋଇଛି ସେମାନଙ୍କ ମଧ୍ୟରୁ ଋଗ୍‌ବେଦ-ସଂହିତା ସର୍ବାପେକ୍ଷା ପ୍ରାଚୀନତମ। ଏହି ଋଗ୍‌ବେଦ-ସଂହିତା କେତେକାଳ ପୂର୍ବରୁ ରଚିତ ବା ଆବିର୍ଭୂତ ହୋଇଛି ତାହା ଠିକ୍ କରି ଏପର୍ଯ୍ୟନ୍ତ କୌଣସି ପ୍ରତ୍ନ-ତାତ୍ତ୍ୱିକ ପଣ୍ଡିତ ନିର୍ଦ୍ଦେଶ କରିପାରି ନାହାନ୍ତି। ଏହି ଋଗ୍‌ବେଦ-ସଂହିତାରେ ଅଛି :

''ଯଜ୍ଞେନ ଯଜ୍ଞମୟଜନ୍ତ ଦେବାଃ
ତାନି ଧର୍ମାଣି ପ୍ରଥମାନ୍ୟାସନ୍ ।''

ଦେବଗଣମାନେ ଯଜ୍ଞ ଦ୍ୱାରା ଯଜ୍ଞର ଉପାସନା କରିଥିଲେ, ସେହି ଯଜ୍ଞସମୂହ ହିଁ ପ୍ରଥମ ଧର୍ମରୂପେ ପରିଗଣିତ ହୋଇଥିଲା। ଏହି ମନ୍ତ୍ରରେ ଦ୍ୱିତୀୟ ଯଜ୍ଞ ଶବ୍ଦର ଅର୍ଥ ଶ୍ରୁତି କହିଛନ୍ତି— 'ଯଜ୍ଞୋ ବୈ ବିଷ୍ଣୁଃ'—ବିଷ୍ଣୁ ହିଁ ଯଜ୍ଞ। ପ୍ରଥମ ଯଜ୍ଞ ଶବ୍ଦର ଅର୍ଥ ତ୍ୟାଗ। ଦେବତାଙ୍କର ପ୍ରୀତି ପାଇଁ ଯେଉଁ ବିହିତ ବସ୍ତୁର ତ୍ୟାଗ କରାଯାଏ ତାହାକୁ ଯଜ୍ଞ କୁହାଯାଏ। ଏହା ବୈଦିକ ପଣ୍ଡିତମାନଙ୍କ ନିକଟରେ ସୁବିଦିତ। ସୁତରାଂ ଋକ୍‌ସଂହିତାରେ ଉଲ୍ଲେଖ ଥିବା ମନ୍ତ୍ରର ନିକୃଷ୍ଟ ଅର୍ଥ ହେଉଛି ଯେ, ବିଷ୍ଣୁଙ୍କର ଅର୍ଥାତ୍ ସର୍ବବ୍ୟାପୀ

ଶ୍ରୀଭଗବାନଙ୍କର ପ୍ରୀତି ପାଇଁ ଯେଉଁ ତ୍ୟାଗ କରାଯାଏ ତାହା ହିଁ ଧର୍ମ। ଦୈବପ୍ରକୃତିସମ୍ପନ୍ନ ବ୍ୟକ୍ତିମାନେ ସେହି ଧର୍ମର ଅନୁଷ୍ଠାନ କରିଆସୁଛନ୍ତି।

ଏହି ତ୍ୟାଗର ସ୍ୱରୂପ କଅଣ ? ଭଗବଦ୍‌ଗୀତାର ଶେଷ ଅଧ୍ୟାୟରେ ଶ୍ରୀଭଗବାନ ବାସୁଦେବ ସ୍ୱୟଂ ଅର୍ଜୁନଙ୍କୁ ତ୍ୟାଗର ସ୍ୱରୂପକୁ ସ୍ପଷ୍ଟ ଭାବରେ ବୁଝାଇ ଦେଇଛନ୍ତି, ଯଥା:

ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମପ୍ରାହୁର୍ମନୀଷିଣଃ।
ଯଜ୍ଞଦାନତପଃ କର୍ମ ନ ତ୍ୟାଜ୍ୟମିତି ଚାପରେ ॥
ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ।
ତ୍ୟାଗୋ ହି ପୁରୁଷ-ବ୍ୟାଘ୍ର ତ୍ରିବିଧଂ ସମ୍ପ୍ରକୀର୍ତ୍ତିତଃ।
ଯଜ୍ଞଦାନଂ ତପଃ କର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍।
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ॥
ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ।
କର୍ତ୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ ॥

ମନୀଷିମାନଙ୍କ ମଧ୍ୟରୁ କେହି କେହି କହିଥାନ୍ତି ଯେ, କର୍ମ ହେଉଛି ଦୋଷପୂର୍ଣ୍ଣ, ତେଣୁ ତାହାକୁ ତ୍ୟାଗ କରିବା ଉଚିତ୍। ପୁଣି କେହି କେହି କହିଥାନ୍ତି, ଯଜ୍ଞ, ଦାନ, ତପସ୍ୟା ଏହି ତ୍ରିବିଧ କର୍ମ ପରିତ୍ୟାଗ କରିବା ଉଚିତ ନୁହେଁ। ହେ ଭରତକୁଳଶ୍ରେଷ୍ଠ ଅର୍ଜୁନ, ସେହି ତ୍ୟାଗ ବିଷୟରେ ମୋର ମତାମତ ତୁମେ ଶ୍ରବଣ କର; ହେ ପୁରୁଷଶ୍ରେଷ୍ଠ ତ୍ୟାଗ ତିନି ପ୍ରକାରର ହୋଇଥାଏ। ଯଜ୍ଞ, ଦାନ ଓ ତପଃ ଏହି ତ୍ରିବିଧ କର୍ମ ମନୀଷିଗଣଙ୍କର ଚିତ୍ତଶୁଦ୍ଧିର ହେତୁ ହୋଇଥାଏ। ଏହି ତ୍ରିବିଧ କର୍ମକୁ କର୍ତ୍ତୃତ୍ୱ-ଅଭିମାନ, ସଙ୍ଗ ଏବଂ ଫଳଭୋଗ-କାମନା ପରିତ୍ୟାଗପୂର୍ବକ କରିବାକୁ ହୁଏ, ଏହା ହିଁ ମୋର ସର୍ବଶ୍ରେଷ୍ଠ ସିଦ୍ଧାନ୍ତ।

ଏହାପରେ ଭଗବାନ ତ୍ରିବିଧ ତ୍ୟାଗର ସ୍ୱରୂପ କଥା କହିଛନ୍ତି, ଯଥା :

ନିୟତସ୍ୟ ତୁ ସନ୍ନ୍ୟାସଃ କର୍ମଣୋ ନୋପପଦ୍ୟତେ।
ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ ॥
ଦୁଃଖମିତ୍ୟେବ ଯତ୍ କର୍ମ କାୟକ୍ଲେଶଭୟାତ୍ତ୍ୟଜେତ୍।
ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ॥
କାର୍ଯ୍ୟମିତ୍ୟେବ ଯତ୍ କର୍ମ ନିୟତଂ କ୍ରିୟତେଽର୍ଜୁନ।
ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥

ଯେଉଁ କର୍ମ ନିୟତ କରାଯାଏ ତାହାର ପରିତ୍ୟାଗ ସମ୍ଭବ ନୁହେଁ। ମୋହବଶତଃ ଯଦି ନିୟତ କର୍ମର ତ୍ୟାଗ କରାଯାଏ ତାହେଲେ ସେହି ତ୍ୟାଗକୁ ତାମସ ତ୍ୟାଗ କହନ୍ତି। ଶାରୀରିକ କ୍ଲେଶ ହେବ ବୋଲି ଯଦି ଭୟରେ କେହି ଦୁଃଖଜନକ କର୍ତ୍ତବ୍ୟକୁ ପରିତ୍ୟାଗ କରେ, ସେହି ତ୍ୟାଗକୁ ରାଜସ ତ୍ୟାଗ କହନ୍ତି। ଯେ ଏହି ରାଜସ ତ୍ୟାଗ କରେ ସେ ଏହି ତ୍ୟାଗର ଫଳ ଲାଭ କରିପାରେ ନାହିଁ। ଯେଉଁ କର୍ମ ଅବଶ୍ୟକର୍ତ୍ତବ୍ୟ ସୁତରାଂ କରିବାକୁ ହେବ, ଏହିପରି ଦୃଢ଼ନିଶ୍ଚୟ ହୋଇ କର୍ତ୍ତୃତ୍ୱ-ଅଭିମାନ ଓ ଫଳର ଅଭିଳାଷ ବର୍ଜନ କରି ଯଦି କର୍ମ କରାଯାଏ ସେହି କର୍ମକୁ ସାତ୍ତ୍ୱିକ ତ୍ୟାଗ କୁହାଯାଏ। ଗୀତାରେ ସ୍ୱୟଂ ଭଗବାନ ଯେଉଁ ସାତ୍ତ୍ୱିକ ତ୍ୟାଗର ସ୍ୱରୂପ ନିର୍ଦ୍ଦେଶ କରିଛନ୍ତି ଏହି ସାତ୍ତ୍ୱିକ ତ୍ୟାଗ ବା କର୍ତ୍ତୃତ୍ୱ-ଅଭିମାନ ଓ ଫଳଭୋଗର ଅଭିଳାଷ ବର୍ଜନ କରି ଭଗବତ୍‌ପ୍ରୀତି ଉଦ୍ଦେଶ୍ୟରେ ଯେଉଁ କର୍ମ କରାଯାଏ, ଏହା ହିଁ ହେଲା ଭାରତର ସନାତନ ହିନ୍ଦୁଧର୍ମ। ଋଗ୍‌ବେଦସଂହିତାର ପୁରୁଷସୂକ୍ତରେ ''ଯଜ୍ଞେନ ଯଜ୍ଞମୟଜନ୍ତ ଦେବାଃ'' ଏହି ମନ୍ତ୍ରରେ ପ୍ରଥମ ଯଜ୍ଞଶବ୍ଦ ଦ୍ୱାରା ଏହି ସାତ୍ତ୍ୱିକ ତ୍ୟାଗରୂପକ ଯଜ୍ଞର କଥା କୁହାଯାଇଛି।

ଗୀତାରେ ଜ୍ଞାନର ପରାକାଷ୍ଠା କାହାକୁ କହନ୍ତି ତାହା ଦେଖାଇବାକୁ ଯାଇ ଶ୍ରୀଭଗବାନ କହିଛନ୍ତି:

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥

—ବହୁ ଜନ୍ମ ପରେ ଏହି ସଂସାରର ସମସ୍ତ ବସ୍ତୁ ହିଁ ବାସୁଦେବ—ଏହି ପ୍ରକାର ଜ୍ଞାନ ଲାଭ କରି ଜୀବ ପ୍ରପତ୍ତି ଅର୍ଥାତ୍ ଶରଣାଗତି ଲାଭ କରେ। ମୋର ଶରଣାଗତିକୁ ଯେ ପ୍ରାପ୍ତ ହୁଅନ୍ତି ସେହି ମହାତ୍ମା ଏହି ସଂସାରରେ ଦୁର୍ଲଭ।

ସର୍ବତ୍ର ସର୍ବାତ୍ମଭୂତ ଶ୍ରୀଭଗବାନଙ୍କର ସତ୍ତାକୁ ହୃଦୟଙ୍ଗମ କରି ତାଙ୍କ ନିକଟରେ ଆତ୍ମସମର୍ପଣ କରିବାର

ଯଜ୍ଞ ହେଉଛି ସନାତନ ଧର୍ମ। ସଂହିତାର ଯୁଗରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଋଷି ବା ଆର୍ଷପ୍ରତିଭାସମ୍ପନ୍ନ ମହାତ୍ମାଗଣଙ୍କ ଦ୍ୱାରା ସନାତନ ହିନ୍ଦୁଧର୍ମ ବିଷୟରେ ଯେତେ ଗ୍ରନ୍ଥ ଲିଖିତ ହୋଇଛି ସେହି ସମସ୍ତ ଗ୍ରନ୍ଥରେ ଏହି ସନାତନ ଧର୍ମର ଏକ ସ୍ୱରୂପ ବର୍ଣ୍ଣିତ ହୋଇଛି। ଦେଶ କାଳ ପାତ୍ର ଓ ପାରିପାର୍ଶ୍ୱିକ ଅବସ୍ଥା-ଭେଦ ଅନୁସାରେ ଏହି ସନାତନ ଧର୍ମର ବାହ୍ୟସାଧନ ନାନାବିଧ ଆକାର ଧାରଣ କରିଥାଏ, ସେଥିରେ ଭଗବତ୍‌ପ୍ରୀତି ଉଦ୍ଦେଶ୍ୟରେ କର୍ତ୍ତୃତ୍ୱ-ଅଭିମାନ ତ୍ୟାଗପୂର୍ବକ ଆତ୍ମତୃପ୍ତିର କାମନା ପରିହାର ବା ଆତ୍ମତ୍ୟାଗରୂପକ ଯଜ୍ଞର ସାଧନ ବା ଉପକରଣ ଯୁଗେ ଯୁଗେ ମନୁଷ୍ୟ ମନୁଷ୍ୟଙ୍କ ମଧ୍ୟରେ ପୃଥକ୍ ହେଲେ ମଧ୍ୟ ସନାତନ ଧର୍ମର ନିଜ ଅବିକଳରୂପ ଅନାଦିକାଳରୁ ଆରମ୍ଭ କରି ଏପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହୋଇ ନାହିଁ। ସେଥିପାଇଁ ଗୀତାରେ ଅଛି :

ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ।
ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ॥
ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷୟିତକଲ୍ମଷାଃ।
ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ॥

କେହି ଦ୍ରବ୍ୟ ଦ୍ୱାରା ଯଜ୍ଞ କରେ, କେହି ବିହିତ କାୟକ୍ଲେଶରୂପକ ତପସ୍ୟା ଦ୍ୱାରା ଯଜ୍ଞ କରେ, କେହି ଚିତ୍ତବୃତ୍ତି-ନିରୋଧରୂପକ ସମାଧି ଦ୍ୱାରା ଯଜ୍ଞ କରେ, କେହି ବା ସ୍ୱାଧ୍ୟାୟରୁ ଉତ୍ପନ୍ନ ସର୍ବଭୂତାତ୍ମ-ଦର୍ଶନରୂପକ ଜ୍ଞାନ ଦ୍ୱାରା ଯଜ୍ଞ ନିର୍ବାହ କରେ, କେହି କେହି ଋଷି ବିବିଧ ବ୍ରତାନୁଷ୍ଠାନ ଦ୍ୱାରା ଯଜ୍ଞ କରିଥାନ୍ତି। ଏସବୁଗୁଡ଼ିକ ହେଉଛି ଯଜ୍ଞ ଅର୍ଥାତ୍ ଭଗବାନ ବିଷ୍ଣୁଙ୍କୁ ଜାଣି ତାଙ୍କର ପ୍ରୀତି ପାଇଁ ଯଜ୍ଞ କଲେ ତାଙ୍କ ଦ୍ୱାରା ମନୁଷ୍ୟ ସମସ୍ତ ପ୍ରକାର ଦୁରଦୃଷ୍ଟିରୁ ନିଷ୍କୃତି ପାଇବ। ଏହି ପ୍ରକାର ଯଜ୍ଞ କରି ତାହାର ଅବଶେଷ ଅନ୍ନରୂପକ ଅମୃତ ଆହାର କରି ମନୁଷ୍ୟ ସନାତନ ବ୍ରହ୍ମକୁ ପାଇଥାଏ। ସାର ସିଦ୍ଧାନ୍ତ ହେଉଛି—

''ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ।'' ଭିନ୍ନ ଭିନ୍ନ ପ୍ରକୃତି ଅନୁସାରେ ବିଭିନ୍ନ ଭାବରେ ପ୍ରତୀୟମାନ ଅଥଚ ବସ୍ତୁତଃ ଏହି ଏକପ୍ରକାର ଯଜ୍ଞର ପାଳନ ଯେଉଁ ମନୁଷ୍ୟ କରେ ନାହିଁ, ତା ପାଇଁ ଏହି ଲୋକରେ ସୁଖ ନାହିଁ କି ପରଲୋକରେ ମଧ୍ୟ ସୁଖ ନାହିଁ।

ମାନବ-ଜନ୍ମ ଲାଭ କରି ଏହି ସନାତନ ଯଜ୍ଞକୁ ଦେଶ କାଳ ଓ ପ୍ରକୃତି ଅନୁସାରେ ବିଭକ୍ତ କୌଣସି ନା କୌଣସି ପ୍ରକାରେ ଯେ ପାଳନ ନ କରେ, ବସ୍ତୁତଃ ସେ ମନୁଷ୍ୟ ନୁହେଁ, ପଶୁଠାରୁ ତାହାର କୌଣସି ପାର୍ଥକ୍ୟ ନାହିଁ କହିଲେ ଚଳେ। ଏହି ଯଜ୍ଞ ବା ଭଗବତ୍-ପ୍ରୀତି ଉଦ୍ଦେଶ୍ୟରେ ଆତ୍ମତ୍ୟାଗରୂପକ ସନାତନ ଧର୍ମର ଅନୁଷ୍ଠାନ କଲେ ମାନବଜନ୍ମ ସଫଳ ହୁଏ, ଅନ୍ୟଥା ନୁହେଁ। ଯୁଗ ଅନୁସାରେ ଏହି ସନାତନ ଧର୍ମର ପାଳନ ମାନବପ୍ରକୃତିର ବୈଲକ୍ଷଣ୍ୟବଶତଃ ଭିନ୍ନ ଭିନ୍ନ ବାହ୍ୟ ସାଧନାର ଅପେକ୍ଷା ରଖିଥାଏ, ଏହା ହିଁ ହିନ୍ଦୁଶାସ୍ତ୍ରର ମୂଳ ତାତ୍ପର୍ଯ୍ୟ। ସେଥିପାଇଁ ମହାଭାରତରେ କୁହାଯାଇଛି— 'ଅନ୍ୟେ କୃତେ ଯୁଗେ ଧର୍ମାଃ' ଇତ୍ୟାଦି।

ସତ୍ୟଯୁଗରେ ସାଧାରଣତଃ ମାନବର ଚିତ୍ତବୃତ୍ତି ପ୍ରାୟତଃ ସାତ୍ତ୍ୱିକ ହୋଇଥାଏ; ଏହି କାରଣରୁ ବିକ୍ଷେପ ନ ଥିବାରୁ ଶ୍ରୀଭଗବାନଙ୍କର ଧ୍ୟାନ ଅନେକଙ୍କ ପକ୍ଷରେ ସୁଖକର ହୋଇଥାଏ ଏବଂ ସେଥିପାଇଁ ତାହା ବିଶେଷଭାବରେ ସାଧନପ୍ରଣାଳୀ ବୋଲି କୁହାଯାଇଛି। ତ୍ରେତାଯୁଗରେ ବିଶୁଦ୍ଧ ଯଜ୍ଞସାଧନ ସାମଗ୍ରୀର ସୁଲଭତା ହୋଇଥାଏ ଏବଂ ରାଜସ ମନୋବୃତ୍ତିର ଅଳ୍ପପ୍ରସାର ହୋଇଥାଏ; ଏହି କାରଣରୁ ଅଗ୍ନିହୋତ୍ର ଦର୍ଶପୂର୍ଣ୍ଣମାସ ଏବଂ ଜ୍ୟୋତିଷ୍ଟୋମ ପ୍ରଭୃତି ଶ୍ରୁତିବିହିତ ଯାଗ ହୋମ ପ୍ରଭୃତି କାର୍ଯ୍ୟ ଅନାୟାସରେ ସାଧିତ ହୋଇପାରେ। ଏଥିପାଇଁ ଯାଗକୁ ସନାତନ ଧର୍ମର ବାହ୍ୟରୂପ ବୋଲି ନିର୍ଦ୍ଦେଶ କରାଯାଇଛି। ଦ୍ୱାପରଯୁଗରେ ଅବତାରଙ୍କର ଆଧିକ୍ୟ ଓ ଲୀଳାଶକ୍ତିର ଅଧିକ ବିକାଶ ହୁଏ ବୋଲି ଅର୍ଚ୍ଚନା କରିବାର ଆବଶ୍ୟକତା ଥାଏ। ସେଥିପାଇଁ ଏହି ଯୁଗରେ

ଅର୍ଚ୍ଚନାରୂପକ ସାଧନା ମୁଖ୍ୟଭାବରେ ଦେଖାଯାଏ। କଳିଯୁଗରେ ବିଶୁଦ୍ଧଭାବରେ ଏହିସବୁ ଯୁଗର ବିହିତ ସାଧନାର ଅଜ୍ଞତା ଯୋଗୁ ଏବଂ ମାନବ-ପ୍ରକୃତିର ସ୍ୱଭାବସିଦ୍ଧ ବିକ୍ଷେପ ଅଧିକ ଥିବାରୁ ଧ୍ୟାନ, ଯାଗ, ହୋମ ଓ ଅର୍ଚ୍ଚନା ପ୍ରଭୃତି ଦୁର୍ଲଭ ହୁଏ। ଏହି କାରଣରୁ ଶ୍ରୀଭଗବାନଙ୍କର ନାମ-ସଂକୀର୍ତ୍ତନ ହିଁ ସନାତନ ଧର୍ମର ବା ଭଗବତ୍‌ପ୍ରୀତି ପାଇଁ ଆତ୍ମତ୍ୟାଗକୁ ପ୍ରଧାନତମ ସାଧନଭାବରେ ଜନସାଧାରଣଙ୍କର ଧର୍ମ ବୋଲି ନିର୍ଦ୍ଦିଷ୍ଟ କରାଯାଇଛି। ହିନ୍ଦୁଧର୍ମର ତତ୍ତ୍ୱର ସାର ରହସ୍ୟକୁ ''କୃତେ ଯଦ୍ଧ୍ୟାୟତଃ'' ଇତ୍ୟାଦି ବଚନ ଦ୍ୱାରା ପ୍ରତିପାଦିତ କରାଯାଇଛି; ସୁତରାଂ ଯୁଗଭେଦରେ ସନାତନ ଧର୍ମର ଅନ୍ତଃସ୍ୱରୂପ ଏକ ରହିଲେ ମଧ୍ୟ ବାହ୍ୟ ସାଧନାର ପାର୍ଥକ୍ୟ ଅନିବାର୍ଯ୍ୟ ହୋଇଥାଏ। ଆମ ଜନସାଧାରଣଙ୍କ ମଧ୍ୟରେ ଏହି ଯୁଗଧର୍ମର ଅନୁଷ୍ଠାନ ଯେପରି ହେବା ଉଚିତ ତାହା ହୋଇ ନ ପାରିବାରୁ ଆମେ ଧାର୍ମିକ ହୋଇପାରୁ ନାହିଁ ଏବଂ ଧାର୍ମିକ ହୋଇ ନ ପାରିବାରୁ ଆମର ଐହିକ ଓ ପାରତ୍ରିକ ସମସ୍ତ ପ୍ରକାର ଅଭ୍ୟୁଦୟର ଦ୍ୱାର ରୁଦ୍ଧ ହୋଇପଡ଼ିଛି। ଏହି କଥା ପ୍ରତ୍ୟେକ ହିନ୍ଦୁଙ୍କର ମନେରଖିବା ଉଚିତ।

ମହାଭାରତରେ ଭଗବାନ ବେଦବ୍ୟାସ କହିଛନ୍ତି—

''ସଂଘେ ଶକ୍ତିଃ କଲୌ ଯୁଗେ'' ଅର୍ଥାତ୍ କଳିଯୁଗରେ ସଂଘ ଅର୍ଥାତ୍ ମାନବଜାତିର ଆନ୍ତରିକ ମହାମିଳନ ଉପରେ ଶକ୍ତି ପ୍ରତିଷ୍ଠିତ ହୋଇଥାଏ। ଏହି ମହାମିଳନର ଐକାନ୍ତିକ ଅଭାବବଶତଃ ଆଜି ଆମେ ସମସ୍ତ ପ୍ରକାର ଶକ୍ତିରୁ ବଞ୍ଚିତ ହୋଇଛୁ। ଏହି ସଂଘଶକ୍ତି ବା ମାନବଜାତିର ମହାମିଳନ-ଶକ୍ତି ଲାଭ କରିବାକୁ ହେଲେ ଭଗବାନଙ୍କର ନାମ-ସଂକୀର୍ତ୍ତନ ବ୍ୟତୀତ କଳିଯୁଗରେ ଅନ୍ୟ କୌଣସି ଉପାୟ ନାହିଁ, ଏହା ହିଁ ହେଲା ସନାତନ ଧର୍ମଶାସ୍ତ୍ରର ସର୍ବପ୍ରଧାନ ଉପଦେଶ।

ପାଶ୍ଚାତ୍ୟ ସଭ୍ୟତାର ବାହ୍ୟ ସୌନ୍ଦର୍ଯ୍ୟର ତୀବ୍ର ଆଲୋକଚ୍ଛଟାରେ ଆଜି ଭାରତୀୟ ଜନସାଧାରଣଙ୍କର ଦୃକ୍‌ଶକ୍ତି ପ୍ରତିହତ ହୋଇପଡ଼ିଛି, ଆତ୍ମବୁଦ୍ଧି କେବଳ ଦେହ ଓ ଇନ୍ଦ୍ରିୟ ପ୍ରତି ଦୌଡ଼ୁଛି ଏବଂ ଏହା ସହିତ ଅହଂକାର ଓ ଜଘନ୍ୟ ସ୍ୱାର୍ଥପରତା ଆମମାନଙ୍କୁ ସର୍ବନାଶକର ଅଧର୍ମ-ପଥକୁ ଟାଣିନେଉଛି। ସନାତନ ଧର୍ମର ସୁପ୍ରତିଷ୍ଠା ବ୍ୟତୀତ ଏହି ମହାବିପଦରୁ ଉଦ୍ଧାର ପାଇବାର ଅନ୍ୟ କୌଣସି ପଥ ନାହିଁ। କଳିଯୁଗରେ ସେହି ସନାତନ ଧର୍ମର ପ୍ରଧାନତମ ସାଧନା ହେଉଛି, ସମସ୍ତେ ମିଶି ନିଜ ନିଜ କର୍ତ୍ତୃତ୍ୱ-ଅଭିମାନ ବିସର୍ଜନ କରି ଶ୍ରୀଭଗବାନଙ୍କର ନାମ ଓ ଲୀଳାର ସଂକୀର୍ତ୍ତନ କରିବା। ଏହି ସଂକୀର୍ତ୍ତନ କରିବା ଫଳରେ ଆମର ଦେହ-ଅଭିମାନ ଶିଥିଳ ହେବ, ଆତ୍ମବଡ଼ିମାର ତୀବ୍ର ହଳାହଳ ପ୍ରଶମିତ ହେବ, ହୃଦୟର ଶୁଷ୍କତା ଓ କଠୋରତା ଦୂର ହେବ। ଏହି ମହାମିଳନକାରୀ ସଂକୀର୍ତ୍ତନ ମଧ୍ୟରେ ସର୍ବଶକ୍ତିମାନ ସଚ୍ଚିଦାନନ୍ଦଘନ ଶ୍ରୀଭଗବାନଙ୍କର ସ୍ଫୂର୍ତ୍ତି ହେବ, ସେଥିପାଇଁ ଭଗବାନ ସ୍ୱୟଂ କହିଛନ୍ତି:

''ନାହଂ ବସାମି ବୈକୁଣ୍ଠେ ଯୋଗିନାଂ
ହୃଦୟେ ନ ଚ।
ମଦ୍‌ଭକ୍ତା ଯତ୍ର ଗାୟନ୍ତି
ତତ୍ର ତିଷ୍ଠାମି ନାରଦ ॥''

ମୁଁ ବୈକୁଣ୍ଠରେ ବାସ କରେ ନାହିଁ, ମୁଁ ସମାଧିରେ ଥିବା ଯୋଗୀଗଣଙ୍କ ହୃଦୟରେ ସ୍ଥିର ହୋଇ ରହିପାରେ ନାହିଁ। ହେ ନାରଦ, ମୋର ଭକ୍ତଗଣ ମିଳିତ ହୋଇ ଯେଉଁଠାରେ ମୋର ସଂକୀର୍ତ୍ତନ କରନ୍ତି ମୁଁ ସେଠାରେ ଆସି ଛିଡ଼ା ହୋଇଥାଏ। ଭଗବାନ ସ୍ୱୟଂ ଯଦି ଆସି ସଂକୀର୍ତ୍ତନ ସମୟରେ ସାକ୍ଷାତ୍ ଛିଡ଼ା ହୁଅନ୍ତି, ତାହେଲେ ସମସ୍ତ ବିପଦ ଦୂର ହେବ, ସମସ୍ତ ଅଭ୍ୟୁଦୟ ଆପେ ଆପେ ଫୁଟିଉଠିବ। ଆମେ ପୁଣି ମନୁଷ୍ୟ ହେବା, ପୃଥିବୀର ଦିଗ୍‌ଦିଗନ୍ତ ପୁଣି ସନାତନ ଧର୍ମର ବିଜୟ-ଦୁନ୍ଦୁଭିର ଧ୍ୱନିରେ ଭରିଯିବ। ତେଣୁ କହୁଛି, ସନାତନ ଧର୍ମ ହେଉଛି ଦୀନଭାବରେ ତୃଣଠାରୁ ମଧ୍ୟ ନୀଚ ହୋଇ ସର୍ବମଙ୍ଗଳନିଦାନ ସର୍ବବିପଦନିବାରଣ ଶ୍ରୀଭଗବାନଙ୍କର ନାମସଂକୀର୍ତ୍ତନ। •

# ଆନ୍ତରିକ ଜପ-ଧ୍ୟାନର ଦୃଷ୍ଟାନ୍ତ

ସୁରେନ୍ଦ୍ରନାଥ ଚକ୍ରବର୍ତ୍ତୀ

ଭଗବାନ ଶ୍ରୀରାମକୃଷ୍ଣଙ୍କର ଗୋଟିଏ ଉକ୍ତି ହେଲା, ''ଯେଉଁମାନେ ଆନ୍ତରିକଭାବରେ ଜପ ଧ୍ୟାନ କରୁଛନ୍ତି ସେମାନଙ୍କୁ ଏଠାକୁ ଆସିବାକୁ ହେବ।'' ଏହି ଉକ୍ତିର ତାତ୍ପର୍ଯ୍ୟ କଅଣ ସେହି ସମ୍ବନ୍ଧରେ କେତୋଟି ଦୃଷ୍ଟାନ୍ତ ଦେବି। ଯେଉଁମାନେ ଶ୍ରୀଶ୍ରୀଠାକୁରଙ୍କର ସାକ୍ଷାତ୍ ସଂସ୍ପର୍ଶରେ ଆସିଥିଲେ, ସେମାନଙ୍କର ଜୀବନ କିପରି ଅପୂର୍ବ ଗାରିମାମୟ ହୋଇଥିଲା ତାହା ସୁବିଦିତ, କାରଣ ସେସମ୍ବନ୍ଧରେ ଅନେକ ଗ୍ରନ୍ଥ ଲେଖା ହୋଇଛି। କିନ୍ତୁ ଯେଉଁମାନେ ଶ୍ରୀଶ୍ରୀଠାକୁରଙ୍କର ସାକ୍ଷାତ୍ ଦର୍ଶନ ଲାଭ କରି ନାହାନ୍ତି, ଅଥଚ ସେମାନଙ୍କର ଭଗବତ୍-ଲାଭ ପାଇଁ ଐକାନ୍ତିକ ଆନ୍ତରିକ ବ୍ୟାକୁଳତା ଅଛି, ସେମାନେ କିପରି ଅଦୃଷ୍ଟ ଐଶୀ ପ୍ରେରଣାରେ ଧୀରେ ଧୀରେ ସ୍ରୋତର ତୃଣ ପରି ଚାଳିତ ହୋଇ ରାମକୃଷ୍ଣ-ସାଧନ-ଗଙ୍ଗାର ମନୋମଦ-ମନ୍ଥନ-ଘୂର୍ଣ୍ଣି-ଆବର୍ତ୍ତରେ ଆସି ପଡୁଛନ୍ତି ଏବଂ ଅବଶେଷରେ ସେହି ସାଧନ-ଗଙ୍ଗା ସହିତ ଭଗବଦ୍-ଆନନ୍ଦରୂପକ ବିରାଟ ସାଗର ଦିଗକୁ ଅଗ୍ରସର ହେଉଛନ୍ତି, ସେହି ସମ୍ବନ୍ଧରେ କିଛି ବର୍ଣ୍ଣନା କରିବି।

ଜଗତରେ ଖାଣ୍ଟି ଜିଜ୍ଞାସୁଙ୍କର ସଂଖ୍ୟା ଅତୀବ ବିରଳ। ଜଗତ ବିଚିତ୍ର, ମନୁଷ୍ୟ ମଧ୍ୟ ବିଚିତ୍ର; ଏହି ବୈଚିତ୍ର୍ୟ ଯେଉଁ ଭଗବାନଙ୍କର ସୃଷ୍ଟି, ସେହି ଅନାଦି ଚିରନ୍ତନ ପୁରୁଷ ନିଜେ ହିଁ ଅତୀବ ବିଚିତ୍ର। କେତେପ୍ରକାର ବିଚିତ୍ର ବାସନା ଓ ପ୍ରେରଣା ମାନବ-ପ୍ରକୃତି ଭିତରେ ସେ ଲୁଚାଇ ରଖିଛନ୍ତି, ତାହା ଗଣି ଶେଷ କରିବା ଅସମ୍ଭବ। ମନୁଷ୍ୟର ଅନ୍ତଃକରଣରେ ଥିବା କୋଟି କୋଟି ବାସନା ଅନବରତ କଲବଲ ହୋଇ ଦୌଡ଼ାଦୌଡ଼ି କରୁଛନ୍ତି ଯେପରି ସମୁଦ୍ରକୂଳର ଛୋଟ ଛୋଟ କଙ୍କଡ଼ାମାନେ କରନ୍ତି। ଏହି ବାସନାଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ତିମିମାଛ ପରି ମୁଣ୍ଡ ଟେକନ୍ତି—ସେଗୁଡ଼ିକ ଅନ୍ତଃକରଣର ମାନସଦୃଷ୍ଟିରେ ପ୍ରତ୍ୟକ୍ଷ ହୁଅନ୍ତି; ଛୋଟ ଛୋଟ ବାସନାଗୁଡ଼ିକ ହୁଏତ ଦୃଷ୍ଟିଗୋଚର ହୁଅନ୍ତି ନାହିଁ—ସେଗୁଡ଼ିକ ଦୃଷ୍ଟିଗୋଚର ହେଲେ ଧୀମାନ ପୁରୁଷ ସେଗୁଡ଼ିକୁ ମୁଣ୍ଡ ଟେକିବାକୁ ଦିଅନ୍ତି ନାହିଁ; ଯେଉଁମାନେ ଧର୍ମଧ୍ୱଜୀ ସେମାନେ ସେଗୁଡ଼ିକୁ ଲୋକଲୋଚନରୁ ଦୂରେଇ ରଖିବା ପାଇଁ ଚେଷ୍ଟା କରନ୍ତି— ଯଦିଓ ସେହି ପ୍ରଚେଷ୍ଟା ବୁଦ୍ଧିମାନ୍ ବ୍ୟକ୍ତିଙ୍କ ନିକଟରେ ବ୍ୟର୍ଥ ହୁଏ। ଯେଉଁସବୁ ଦୁର୍ବାର ପ୍ରବୃତ୍ତି ପ୍ରାକୃତ ପୁରୁଷଙ୍କ ଜୀବନକୁ ନିୟନ୍ତ୍ରିତ କରେ, ସେଗୁଡ଼ିକ ମଧ୍ୟରେ ଅଶନ-ପିପାସା ପ୍ରଧାନ। ତାହାପରେ ବୋଧହୁଏ ଯୌନପ୍ରବୃତ୍ତି ଓ ଅହଙ୍କାର; ଏହି ଦୁଇଟି ମଧ୍ୟରୁ କେଉଁଟି ଅଧିକ ବଳଶାଳୀ କହିବା କଠିନ। ବୋଧହୁଏ ଉଭୟ ସମତୁଲ୍ୟ। ଆଉ ଯେଉଁସବୁ ପ୍ରବୃତ୍ତି ଅଛି, ଯଥା—ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ସେଗୁଡ଼ିକ ଉପରୋକ୍ତ ଚାରୋଟି ପ୍ରବୃତ୍ତିର ରୂପଭେଦ ମାତ୍ର। ପ୍ରକୃତିଦେବୀଙ୍କର ବର ଦ୍ୱାରା ସୃଷ୍ଟ ହୋଇଥିବା ବହୁରୂପୀ ମାୟାବୀ ମନ ନାନା ପ୍ରଚ୍ଛଦପଟାବୃତ ହୋଇ ପ୍ରାକୃତ ପୁରୁଷଙ୍କୁ ପ୍ରଲୁବ୍ଧ କରିବାକୁ ଚେଷ୍ଟା କରେ। ଯେତେବେଳେ ମହାପୁରୁଷଙ୍କର ଆବିର୍ଭାବ ହୁଏ ଏବଂ ଦେଶରେ ଧର୍ମର ସ୍ରୋତ ଖରତର ବେଗରେ ପ୍ରବାହିତ ହୁଏ, ସେତେବେଳେ ଆତ୍ମ-ବିଶ୍ଳେଷଣ କରିବାକୁ ଅକ୍ଷମ ଅନେକ ଅବିବେକୀ ପ୍ରାକୃତ ପୁରୁଷ, ସେମାନଙ୍କର କଳୁଷ ଓ କପଟଗ୍ରସ୍ତ ଚିତ୍ତକୁ ନେଇ ଧର୍ମର ଖୋଳପା ପିନ୍ଧି ସାଧୁସମାଜରେ ବିଚରଣ କରିଥାନ୍ତି ଏବଂ ସାଧୁମନ୍ୟ ହେବା ପାଇଁ ଉଦ୍‌ଗ୍ରୀବ ହୁଅନ୍ତି। ସେମାନଙ୍କର ଚେଷ୍ଟା ମଧ୍ୟ କିଛି କିଛି ସ୍ଥଳରେ କିଞ୍ଚିତ୍ ସାଫଲ୍ୟ ଲାଭ କରେ।

ଇଂରାଜିରେ ଗୋଟିଏ କଥା ଅଛି, ''ତୁମେ ସମସ୍ତଙ୍କୁ କିଛିଦିନ ପାଇଁ ଠକିପାର, କିନ୍ତୁ ସମସ୍ତଙ୍କୁ ଚିରକାଳ ଠକିପାରିବ ନାହିଁ।'' ଯେଉଁମାନଙ୍କ ଅନ୍ତରରେ ଯଥାର୍ଥ ଧର୍ମଭାବ ନାହିଁ, ପରାପ୍ରକୃତି ସେମାନଙ୍କର ଆବରଣ

ହଟାଇଦିଅନ୍ତି। ପରମହଂସଦେବ କହୁଥିଲେ, ''ପାପ ଓ ପାରଦ ଦବି ରହେ ନାହିଁ।'' କାଳକ୍ରମେ ପ୍ରକୃତି ତାହାକୁ ବାହାର କରେ। ବିବେକ-ଚର୍ଚ୍ଚାବିହୀନ ମୃତ ସମାଜରେ ଦେଖାଯାଏ ଯେ, ଅହଙ୍କାରୀ ପ୍ରତାରକଗଣ ବେଶି ଦିନ ପର୍ଯ୍ୟନ୍ତ ସେମାନଙ୍କର ପ୍ରତିପତ୍ତିକୁ ଅକ୍ଷୁଣ୍ଣ ରଖିପାରନ୍ତି। କିନ୍ତୁ ଯେଉଁ ସମାଜ ଜୀବନ୍ତ, ଜାଗ୍ରତ ଓ ସତ୍ତ୍ୱଗୁଣପ୍ରଧାନ ସେହି ସମାଜରେ ବକଧାର୍ମିକମାନେ ଶୀଘ୍ର ହିଁ ନୀଳବର୍ଣ୍ଣ ଶୃଗାଳ ପରି ସେମାନଙ୍କର ଉପଯୁକ୍ତ ସ୍ଥାନକୁ ପ୍ରେରିତ ହୁଅନ୍ତି। ଡିକେନ୍ସଙ୍କର 'ଅଲିଭର ଟୁଇଷ୍ଟ' (Oliver Twist) ଉପନ୍ୟାସରେ ବମ୍ୱେଲ୍ ନାମକ ଦଗାବାଜ୍ କର୍ମଚାରୀର ଆବରଣ ଖସିଯିବା ପରେ ତାର ଯେଉଁ ଦଶା ହୋଇଥିଲା, ସତ୍ୟସ୍ୱରୂପ ପରମ ମାୟାବୀ ପରମାତ୍ମାଙ୍କର ମାୟାଦଣ୍ଡ ସ୍ପର୍ଶରେ ମାୟାଧର୍ମୀମାନଙ୍କର ଧର୍ମାବରଣ ଉନ୍ମୋଚିତ ହେବା ପରେ ସେମାନଙ୍କର ଅବସ୍ଥା ବମ୍ୱେଲ ଅପେକ୍ଷା ଅଧିକ କଦର୍ଯ୍ୟ ଓ ବୀଭତ୍ସ ଦେଖାଯାଏ। ଏହାର ଦୃଷ୍ଟାନ୍ତ ଭୂରି ଭୂରି ଦେଖାଯାଉଛି; ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇବାର ପ୍ରୟୋଜନ ନାହିଁ। ଇଂରାଜିରେ ଗୋଟିଏ ସତ୍ୟ ଉକ୍ତି ପ୍ରଚଳିତ ଅଛି, ''ଅନେକେ ଆସନ୍ତି, କିନ୍ତୁ ଜଣେ ଅଧେ ମନୋନୀତ ହୁଅନ୍ତି।''

ପୁଣି ଗୋଟିଏ ଶ୍ରେଣୀର ଲୋକ ଅଛନ୍ତି, ଧର୍ମ ସେମାନଙ୍କର ନିଃଶ୍ୱାସ-ପ୍ରଶ୍ୱାସ ପରି ସ୍ୱାଭାବିକ ବୃତ୍ତି। ସେମାନଙ୍କୁ ଯେଉଁଠାରେ ଇଚ୍ଛା ସେଠାରେ ରଖିଲେ ମଧ୍ୟ ସେମାନେ ଶତ ପ୍ରଲୋଭନର ବାଧାକୁ ନିର୍ଲିପ୍ତଭାବରେ ସହ୍ୟ କରି ନିଜର ସାଧୁବୃତ୍ତି ଅନୁସରଣ କରିବେ। କିପରି ଏହା ହୁଏ ? ଜଣେ ପ୍ରାଣପଣେ ଧାର୍ମିକ ହେବାକୁ ଚେଷ୍ଟା କରି ଏବଂ ଅନେକ ଊର୍ଦ୍ଧ୍ୱକୁ ଉଠି ମଧ୍ୟ ହଠାତ୍ ଭୂପତିତ ହୋଇ ଧୂଳି-ଧୂସରିତ ଓ ଲାଞ୍ଛିତ ହୁଏ କାହିଁକି ? ଆଉ ଜଣେ ଅନାୟାସରେ ଧର୍ମର କ୍ଷୁର-ଧାର ସଦୃଶ ପଥରେ ଦ୍ରୁତପଦରେ ଚାଲିପାରେ କାହିଁକି ? ଏହାର ଉତ୍ତରରେ ହିନ୍ଦୁମାନେ କହନ୍ତି—କର୍ମଫଳ। ବିଜ୍ଞାନର ବହୁତ ବହି ପଢ଼ିଛି, କିନ୍ତୁ ଏହି କର୍ମବାଦ ଅପେକ୍ଷା ଅଧିକତର ସମୀଚୀନ କୌଣସି ବ୍ୟାଖ୍ୟା ଦୃଷ୍ଟିଗୋଚର ହୋଇ ନାହିଁ। ଧାନରୁ କିପରି ଚାଉଳ ପ୍ରସ୍ତୁତ ହୁଏ ତାହା ପ୍ରାୟ ସମସ୍ତେ ଜାଣନ୍ତି। ମୋଟାମୋଟି ତାହାର କ୍ରମ ଏହିପରି: ଚାଷୀ କ୍ଷେତରୁ ପାଚିଲା ଧାନ କାଟି ଆଣନ୍ତି, ତାପରେ ନଡ଼ାରୁ ଧାନକୁ ଅଲଗା କରନ୍ତି; ତାପରେ ଭଲ ଧାନକୁ ଶୁଖାନ୍ତି। ତାପରେ ଧାନକୁ କୁଟି ସେଥିରୁ କୁଣ୍ଡା ବାହାର କରିବା ପରେ ଚାଉଳ ବାହାରେ। ଖାଣ୍ଟି ମଣିଷ ସୃଷ୍ଟି କରିବା ପୂର୍ବରୁ ବିଧାତା ମଧ୍ୟ ଏହିପରି କ୍ରମ ଅନୁସରଣ କରନ୍ତି ବୋଲି ମନେହୁଏ। ମଣିଷକୁ ଜନ୍ମ ପରେ ଜନ୍ମ ପେଷି, କୁଟି ତା ମଧ୍ୟରୁ କୁଣ୍ଡା ଝାଡ଼ି ଅସତ୍ ବା ଭଣ୍ଡସଂସର୍ଗରୁ ଅଲଗା କରି ବହୁ ଜନ୍ମ ପରେ ତାକୁ ତାଙ୍କର ଅନୁରାଗୀ ଜ୍ଞାନୀ ବା ଭକ୍ତ କରନ୍ତି। ଏହି finished product ଅର୍ଥାତ୍ ଶୁଦ୍ଧ ମନୁଷ୍ୟକୁ ଦେଖି ବୁଝିବା ଲୋକ ଅବାକ୍ ହୋଇ କହନ୍ତି ଧନ୍ୟ! ଧନ୍ୟ! (ଅବଶ୍ୟ ବିବେକୀ ଲୋକମାନେ ଧନ୍ୟ ଧନ୍ୟ କରନ୍ତି ଏବଂ ଏମାନଙ୍କୁ ଚିହ୍ନନ୍ତି—ଯେଉଁମାନଙ୍କର ବିବେକ ଅନ୍ଧ ସେମାନେ ଏମାନଙ୍କର ଖୋଜଖବର ରଖନ୍ତି ନାହିଁ।)

ମୋର ଅନେକ ଜନ୍ମର ଅର୍ଜିତ ପୁଣ୍ୟଫଳରେ ଏହିପରି କେତେଜଣ ଯଥାର୍ଥ ମହାନୁଭବ ଜିଜ୍ଞାସୁଙ୍କର ସଂସ୍ପର୍ଶରେ ଆସିବାର ସୁଯୋଗ ଘଟିଥିଲା—ଶିଲଂ ପାହାଡ଼ରେ। ୧୯୦୪ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଶିଲଂ ଯାଇ ଯେତେବେଳେ ସେଠାକାର ଦୃଶ୍ୟ ଦେଖିଲି ମନ ଆନନ୍ଦରେ ଭରିଗଲା। ପ୍ରାୟ ତିନିଯୁଗ ପୂର୍ବରୁ ଶିଲଂରେ ଏତେ ଲୋକଙ୍କର ବସବାସ ନ ଥିଲା—ଦୁଷ୍ଟଗ୍ରହରୂପୀ ଟୁରିଷ୍ଟଙ୍କର ଦଳ ଯାଇ ଶିଲଂର ଲୁକ୍କାୟିତ ଭାବଟିକୁ ଅନାବୃତ କରି ନ ଥିଲେ। ମୋଟ ଉପରେ ଶିଲଂ କେତେଜଣ କିରାଣୀ, ସ୍କୁଲମାଷ୍ଟର, କେତେଜଣ ସାହେବ, ମାରୱାଡ଼ୀ, ଖାସିଆ ଏବଂ ନେପାଳୀଙ୍କର ବାସଭୂମି ଥିଲା—ଏହା ବ୍ୟତୀତ କେତେଜଣ ବଙ୍ଗାଳୀ ଓ ମୁସଲମାନମାନଙ୍କର ଦୋକାନ ଥିଲା। ମୋର ଯେତେଦୂର ମନେପଡୁଛି ଜଣେ ବଙ୍ଗାଳୀ ଅଫିସର ଥିଲେ—ଶ୍ରୀଅରବିନ୍ଦଙ୍କର ଶଶୁର ଭୂପାଳଚନ୍ଦ୍ର ବସୁ।

ପ୍ରଥମେ ଯେତେବେଳେ ଶିଲଂ ଯାଇଥିଲି, ସେଠାରେ ବଙ୍ଗାଳୀ-ସମାଜରେ ବ୍ରାହ୍ମସମାଜର ଅଧିକ ପ୍ରାଧାନ୍ୟ ଥିଲା। ଏହି ଛୋଟ ସହରରେ ଦୁଇଟି

ବ୍ରାହ୍ମମନ୍ଦିର ଥିଲା—ଗୋଟିଏ ଲାବାନ୍‌ରେ ଏବଂ ଅନ୍ୟଟି ଜେଲ୍ ରୋଡ଼ୁ ନିକଟରେ। ହିନ୍ଦୁସମାଜ ସେପରି ଜାଗ୍ରତ ନ ଥିଲା—ଯଦିଓ ତାର ଆଲୁଅ ମିଟିମିଟି ହୋଇ ଜଳୁଥିଲା। ସେତେବେଳେ ଆମ ମନର ଅବସ୍ଥା ଦୋଛକିରେ—ବ୍ରାହ୍ମଧର୍ମରେ ଆସ୍ଥା ନ ଥିଲା—ନିରାକାର ଈଶ୍ୱରଙ୍କୁ ମନରେ ଧାରଣା କରିପାରୁ ନ ଥିଲୁ; ପୁଣି ଶିକ୍ଷାର ପ୍ରଭାବରେ ହିନ୍ଦୁ-ଧର୍ମ ଘୋର କୁସଂସ୍କାରଗ୍ରସ୍ତ ଏହି ଧାରଣା ମଧ ଛାଡ଼ିପାରି ନ ଥିଲୁ। ଫଳରେ ଧ୍ୟାନ-ଧାରଣା-ବିହୀନ ସ୍ରୋତର ପ୍ରବାହରେ ପତିତ ହୋଇ ନିଦାରୁଣ ସଂଶୟ-ସାଗର ଆଡ଼କୁ ଯାଉଥିଲୁ। ତାପରେ ୧୯୦୫ ଖ୍ରୀଷ୍ଟାବ୍ଦରେ ବଙ୍ଗଭଙ୍ଗ ଆନ୍ଦୋଳନ ଆରମ୍ଭ ହେଲା—ସେହି ଭଗବତ୍-ପ୍ରେରିତ ଆନ୍ଦୋଳନର ପବନ ଶିଲଂରେ ମଧ ବୋହିବାକୁ ଲାଗିଲା। ସେତେବେଳେ ଶ୍ରୀଅରବିନ୍ଦଙ୍କର ସଂପାଦନାରେ 'ବନ୍ଦେମାତରମ୍' କାଗଜ ବାହାରୁଥିଲା। ସେହି କାଗଜ ମୁଁ ନେଉଥିଲି। ଯେଉଁ ଅଗ୍ନିମୟୀ ଲେଖନୀ ଧାରଣ କରି ଶ୍ରୀଅରବିନ୍ଦ ପ୍ରଭୃତି ଲେଖକବୃନ୍ଦ ଦିନ ପରେ ଦିନ 'ବନ୍ଦେମାତରମ୍'ରେ ଅତ୍ୟୁଚ୍ଚ ଓ ଦୀପ୍ତ ଜ୍ୱାଳାମୟୀ ପ୍ରବନ୍ଧ ବାହାର କରୁଥିଲେ, ତାହାର ତୁଳନା ବୋଧହୁଏ ଭାରତବର୍ଷରେ କାହିଁକି, ସମଗ୍ର ଜଗତରେ ବିରଳ। ଯେପରି ଲେଖିବାର ଭଙ୍ଗୀ ସେହିପରି ଭାବର ମହିମା। ସେଥିରେ ଭାବ ଓ ଭାଷା ଥିଲା ଅଭୂତପୂର୍ବ। ଆମକୁ ଲାଗୁଥିଲା ଗୋଟିଏ ଗୋଟିଏ ପ୍ରବନ୍ଧ ଯେପରି ଗୀତାର ଗୋଟିଏ ଗୋଟିଏ ଅଧ୍ୟାୟ। ଅଦ୍ଭୁତ ତେଜ! ଅଦ୍ଭୁତ ଗାମ୍ଭୀର୍ଯ୍ୟ! ଅଦ୍ଭୁତ ଆବେଗ!

ସେତେବେଳେ ହିନ୍ଦୁ-ମୁସଲମାନ ସମସ୍ୟାରୂପକ ବିରାଟ ଅଜଗର ତାର ଭୟଙ୍କର ମୁଣ୍ଡ ଟେକି ଆଜିର ଦୁର୍ବଳ ନେତାଙ୍କ ପରି ଅରବିନ୍ଦ ପ୍ରମୁଖ ନେତୃବର୍ଗଙ୍କୁ ଭୀତ ଓ ସନ୍ତ୍ରସ୍ତ କରୁ ନ ଥିଲା। ହିନ୍ଦୁ ସେତେବେଳେ ନିଜକୁ ହିନ୍ଦୁ କହି ଗୌରବବୋଧ କରିବା କିମ୍ବା ପ୍ରଚାର କରିବା ପାଇଁ କୁଣ୍ଠାବୋଧ କରି ନାହିଁ ଏବଂ ବିରୁଦ୍ଧ ଦଳକୁ ନିଜ ଦଳରେ ଟାଣି ଆଣିବା ପାଇଁ ଉନ୍ମତ୍ତ ଚେଷ୍ଟାରେ ନିଜର ବିଦ୍ୟାବୁଦ୍ଧି ବିସର୍ଜନ ଦେଇ ପ୍ରତିପକ୍ଷ ଦଳର ଅନ୍ତର୍ବର୍ତ୍ତୀ କୌଣସି ଖ୍ୟାତନାମା ବ୍ୟକ୍ତିଙ୍କର ପଦତଳେ ଆତ୍ମ-ସମର୍ପଣ କରି ନାହିଁ। ସୁତରାଂ ଏହି ହୀନ ପ୍ରଚେଷ୍ଟାକୁ ଲୋକଚକ୍ଷୁର ଅନ୍ତରାଳରେ ରଖିବା ପାଇଁ ଓକିଲଙ୍କର ବାକ୍‌ଚାତୁରୀ ବା ଲିପିଜାଲ ବିସ୍ତାର କରିବାକୁ ପଡ଼ି ନାହିଁ। 'ବନ୍ଦେମାତରମ୍'ରେ ସ୍ୱୀକାର କରାଯାଇଛି, ''ଏହି ଆନ୍ଦୋଳନ ଉଠିଛି ଦକ୍ଷିଣେଶ୍ୱରର ପଞ୍ଚବଟୀରୁ। ଭଗବାନ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦ ଏହି ଆନ୍ଦୋଳନର ଜନକ।'' ଭଗବାନ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦ ଯେଉଁ ଆନ୍ଦୋଳନର ଜନକ ସେଠାରେ ଅସ୍ପଷ୍ଟତା ବା ଭୀରୁତାର ସ୍ଥାନ କେଉଁଠି? 'ବନ୍ଦେମାତରମ୍' ପଢ଼ିଲେ ମନେହେଉଥିଲା ଅସଲ ହିନ୍ଦୁର ଅନ୍ତରତମ ଆରତି ଯେପରି ଲିପିମୂର୍ତ୍ତି ଧାରଣ କରି ଶ୍ରୀଅରବିନ୍ଦଙ୍କର ଅଙ୍ଗୁଳି ମାଧ୍ୟମରେ ପ୍ରକାଶିତ ହେଉଅଛି।

ଏହି କଥା କହିବା ବାହୁଲ୍ୟ ଯେ ଯେତେବେଳେ ଯେଉଁ ଢେଉ ଆସେ, ସେହି ଢେଉରେ ଯୁବକ ଓ ତରୁଣମାନଙ୍କ ମଧ୍ୟରୁ ଯେଉଁମାନେ କୁଟୀଳ ଅବା ଘୋର ସ୍ୱାର୍ଥପର ନୁହଁନ୍ତି ସେମାନେ ନିଜକୁ ଭସାଇଦିଅନ୍ତି। ଯଦିଓ ଶିଲଂରେ ଯୁବକମାନଙ୍କ ମଧରେ ପ୍ରାୟ ସମସ୍ତେ ସରକାରୀ କର୍ମଚାରୀ ଥିଲେ, ତଥାପି ଅଧିକାଂଶ ଏହି ସ୍ୱଦେଶୀ ଆନ୍ଦୋଳନର ସ୍ରୋତରେ ଆସି ପଡ଼ିଥିଲେ—ତେବେ ସମସ୍ତେ ଯେ ଅକୃତ୍ରିମ ସ୍ୱଦେଶୀ ଭାବାପନ୍ନ ଥିଲେ ସେକଥା କହିବା ଦୁଷ୍କର। ଏହି କ୍ଷେତ୍ରରେ ମଧ ଡାରୁଇନ୍‌ଙ୍କର ''ଯୋଗ୍ୟତମର ବଞ୍ଚିବାର ଅଧିକାର'' ନୀତିଟି ପ୍ରଯୋଜ୍ୟ; ଏବଂ ଗୀତାର ''ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍‌ଯତତି ସିଦ୍ଧୟେ। ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ'' କଥାଟି ସ୍ମରଣଯୋଗ୍ୟ। ଭଣ୍ଡ ସନ୍ନ୍ୟାସୀଙ୍କ ପରି ଅନେକ କୃତ୍ରିମ-ସ୍ୱଦେଶୀ ଥିଲେ; ଜଣେ ଦୁଇ ଜଣ ଥିଲେ ଅକୃତ୍ରିମ ସ୍ୱଦେଶୀ। ଏହି ଆନ୍ଦୋଳନ ଫଳରେ ଅନେକେ ଭାରତର ଭାରତୀଙ୍କୁ ଶ୍ରଦ୍ଧାର ଦୃଷ୍ଟିରେ ଦେଖିବାକୁ ଲାଗିଲେ। ଏହି ଭାରତୀଙ୍କର ପ୍ରଧାନ ବାର୍ତ୍ତାବହ ଥିଲା 'ବନ୍ଦେମାତରମ୍'। ଯେଉଁ ଭାବ ଗଭୀର ଅନୁଭୂତି ଓ ଶ୍ରଦ୍ଧା ଉପରେ ପ୍ରତିଷ୍ଠିତ ନୁହେଁ, ସେହି ଭାବ ଭାବୁକତା ମାତ୍ର, ତରଙ୍ଗର ଫେଣ

ପରି ଅସ୍ଥିର ଓ କ୍ଷଣସ୍ଥାୟୀ। କିନ୍ତୁ ଯେଉଁ ଭାବ ସତ୍ୟାସତ୍ୟ-ବିବେକ-ନିପୁଣ ଯନ୍ତ୍ର ଦ୍ୱାରା ନିଜର ଲକ୍ଷ୍ୟ ଓ ଦିଗ ସ୍ଥିର କରିନିଏ, ସେହି ଭାବଟି ଦୃଢ଼ରୁ ଦୃଢ଼ତର ହୋଇ ଭାବୁକକୁ ଉଚ୍ଚରୁ ଉଚ୍ଚତର ସ୍ତର ପର୍ଯ୍ୟନ୍ତ ଆରୂଢ଼ କରାଇ ଗନ୍ତବ୍ୟ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚାଇବାରେ ସାହାଯ୍ୟ କରେ।

ଶିଲଂରେ ଗୋଟିଏ 'ଗୀତା ସମିତି' ସ୍ଥାପିତ ହୋଇଥିଲା। ଏହାର କାର୍ଯ୍ୟ ଥିଲା ଗୀତାର ଗୋଟିଏ ଦୁଇଟି ଶ୍ଳୋକ ଅଧ୍ୟୟନ ପରେ ସ୍ୱଦେଶୀ ଗୀତର କୀର୍ତ୍ତନ କରିବା। ଏହି ସମିତିରେ ଅନେକ ଉତ୍ସାହୀ ଯୁବକ ଯୋଗଦାନ କରିଥିଲେ। ଏହା ଉପରେ ପୁଲିସର ଦୃଷ୍ଟି ପଡ଼ିବାରୁ ସମିତିଟି ଭାଙ୍ଗିଗଲା। ଯୁବକଦଳ ଛତ୍ରଭଙ୍ଗ ଦେଲେ ଏବଂ ଯେପରି ହୁଏ ପ୍ରତ୍ୟେକ ମେସ୍‌ରେ କେବଳ ଗଳ୍ପଗୁଜବର ଆଡ଼ା ଚାଲିଲା। ଦିନେ ଶୁଣିଲି ଜଣେ ଭଦ୍ରଲୋକ 'ବନ୍ଦେମାତରମ୍' କାଗଜଟି ନେଲେ। ସେହି କଥା ଶୁଣିବା ମାତ୍ରେ ତାଙ୍କ ସହିତ ମୋର ବାର୍ତ୍ତାଳାପ କରିବାର ଇଚ୍ଛା ହେଲା। ମୁଁ ତାଙ୍କ ବସାକୁ ଗଲି, କିନ୍ତୁ ପ୍ରଥମଥରର କଥାବାର୍ତ୍ତା ସେତେ ଆକର୍ଷଣୀୟ ହେଲା ନାହିଁ। ତାପରେ ଦିନେ ଗୋଟିଏ ମେସ୍‌କୁ ଆସି ପ୍ରସ୍ତାବ ଦେଲି ଯେ ନିୟମିତ ଭାବରେ ବିଦ୍ୟାଚର୍ଚ୍ଚା କରିବା ପାଇଁ ଗୋଟିଏ ବନ୍ଦୋବସ୍ତ କରିବା ଭଲ। ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଉକ୍ତ ଭଦ୍ରଲୋକଜଣକ ଉତ୍ସାହର ସହିତ ମୋ ପ୍ରସ୍ତାବକୁ ଗ୍ରହଣ କଲେ। ସଙ୍ଗେ ସେଙ୍ଗ ଆଉ କେତେଜଣ ଏଥିରେ ଯୋଗ ଦେଲେ; କିନ୍ତୁ ଯେତେଦୂର ମନେଅଛି ଦୁର୍ବୋଧ ସଂସ୍କୃତଗ୍ରନ୍ଥ ପାଠ ବେଳେ ସେମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥିଲା। ଦୃଢ଼ଭାବରେ ରହିଥିଲେ କେବଳ ଏହି 'ବନ୍ଦେମାତରମ୍'ର ଗ୍ରହୀତା ଭଦ୍ରଲୋକଜଣକ। ପ୍ରତ୍ୟେକ ଦିନ ରାତି ଆଠଟା ବେଳେ ଶିଲଂର ଶୀତରେ ଏହି ଭଦ୍ରଲୋକ ତାଙ୍କ ଘରୁ ମୋ ଘରକୁ ଆସି ଘଣ୍ଟା ପରେ ଘଣ୍ଟା ବିଦ୍ୟାଚର୍ଚ୍ଚାରେ ଅତିବାହିତ କରୁଥିଲେ, ପୁଣି ସେହି ଶୀତରେ ଅର୍ଦ୍ଧରାତ୍ରିରେ ତାଙ୍କ ଘରକୁ ଫେରୁଥିଲେ। ଅନୁଶୀଳନ ସମୟରେ ତାଙ୍କର ତୀକ୍ଷ୍ଣ ପ୍ରତିଭା ଫୁଟି ଉଠୁଥିଲା। ଶାସ୍ତ୍ର ପ୍ରତି, ବିଶେଷତଃ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ତାଙ୍କର ଅଗାଧ ଭକ୍ତି ସେତେବେଳେ ମୁଁ ଦେଖିଥିଲି। ଶାସ୍ତ୍ରର ଅନୁକୂଳ ବିଚାରରେ ତାଙ୍କର ଥିଲା ଅପାର ଆନନ୍ଦ। ପୂର୍ବରୁ ସେ କେତେକାଂଶରେ ସଂଶୟାତ୍ମା ଥିଲେ। ମୁଁ ଯେତେ ତାଙ୍କ ସହ ମିଳାମିଶା କଲି, ସେତେ ତାଙ୍କ ଚରିତ୍ରର ନବନବ ମାଧୁର୍ଯ୍ୟ ଓ ଆଶ୍ଚର୍ଯ୍ୟ ଉଦାରତା ମୋ ଦୃଷ୍ଟିରେ ପଡ଼ିଲା। ଏତେ ସତ୍ୟ-ଅନୁସନ୍ଧାନକାରୀ ବିଦ୍ୟାର ଅନୁରାଗୀ ଓ ଭାରତୀୟ ଭାରତୀ ପ୍ରତି ଅକୃତ୍ରିମ ପ୍ରୀତି ଆଉ ଦ୍ୱିତୀୟ ବ୍ୟକ୍ତି ମଧ୍ୟରେ ଶିଲଂରେ ଦେଖିଥିଲି କି ନାହିଁ ସନ୍ଦେହ। ସର୍ବୋପରି ତାଙ୍କର ଅତୁଳନୀୟ ଅହଙ୍କାରଶୂନ୍ୟତା ଓ ବୈଷୟିକ କାର୍ଯ୍ୟରେ ସ୍ୱାଭାବିକ ଓ ନିଶ୍ଚେଷ୍ଟ ନିର୍ଲିପ୍ତତା ମୋତେ ବିଶେଷଭାବରେ ଆକୃଷ୍ଟ କରିଥିଲା।

ଥରେ ଲାବାନ୍‌ଠାରେ ଥିବା 'ହରିସଭା'ରେ ମୋତେ ପରମହଂସଦେବଙ୍କ ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ପାଠ କରିବାକୁ ପଡ଼ିଥିଲା। ସେହି କାରଣରୁ ମୁଁ ବସ୍ତୁତଃ ରାମକୃଷ୍ଣ ସାହିତ୍ୟ ସହିତ ପରିଚିତ ହେଲି। ଏହା ପୂର୍ବରୁ ରାମକୃଷ୍ଣମଣ୍ଡଳୀରେ ସୁପରିଚିତ ଶ୍ରୀଯୁକ୍ତ ଅମୂଲ୍ୟ କୁମାର ମୁଖୋପାଧ୍ୟାୟ ରାମକୃଷ୍ଣଙ୍କ ସମ୍ବନ୍ଧରେ ଭକ୍ତିଭାବରେ ଆଲୋଚନା କରୁଥିଲେ। ଯେତେଦୂର ମନେପଡ଼େ ମୋର ସେହି ପ୍ରବନ୍ଧ ପାଠ ପରେ ପରମହଂସଦେବଙ୍କ ସମ୍ବନ୍ଧରେ ମୋର ବନ୍ଧୁମାନେ ଆଲୋଚନାରେ ପ୍ରବୃତ୍ତ ହୋଇଥିଲେ ଏବଂ ପ୍ରଗାଢ଼ ଅଭିନିବେଶ ସହକାରେ 'ରାମକୃଷ୍ଣ କଥାମୃତ' ପଢ଼ିବାକୁ ଆରମ୍ଭ କଲେ। କେବଳ ପଢ଼ା ନୁହେଁ, ଧାରଣା କରିବାକୁ ଲାଗିଲେ! ମୋର ଯେତେଦୂର ମନେଅଛି, ମୋତେ କୌଣସି ଏକ ସରକାରୀ କାର୍ଯ୍ୟରେ ଶିଲଂ ଛାଡ଼ି ଢାକା ଆସିବାକୁ ପଡ଼ିଥିଲା। ତାପରେ ସେହି ଆଲୋଚନାଚକ୍ରଟି ବନ୍ଦ ହୋଇଗଲା। ମୁଁ ଶିଲଂ ଫେରି ଦେଖିଲି ସେହି ଭଦ୍ରଲୋକ କ୍ରମଶଃ ରାମକୃଷ୍ଣଙ୍କ ଭାବରେ ଭାବିତ ହେଉଛନ୍ତି। କେତେଜଣ ଉତ୍ସାହୀ ଭକ୍ତ ପରମହଂସଦେବଙ୍କୁ ଭଗବାନଙ୍କ ଅବତାରଜ୍ଞାନରେ ପୂଜା କରୁଥିଲେ—ସେହି ଭଦ୍ରବ୍ୟକ୍ତି ସେହି ସ୍ଥାନକୁ ବାରମ୍ବାର ଯିବାକୁ ଆରମ୍ଭ କଲେ। ଆଉ ପାଶ୍ଚାତ୍ୟ ଦାର୍ଶନିକ—

ହେଗେଲ୍, ବ୍ର୍ୟାଡ୍‌ଲେ, ଜେମସ୍‌ଙ୍କର ବିଚାର ଭଲ ଲାଗିଲା ନାହିଁ। ସେହି ଭଦ୍ରବ୍ୟକ୍ତି ଏକୁଟିଆ ଚୁପ୍ କରି ବସି ଭାବୁଥିଲେ ଏବଂ ମନେମନେ ବିଚାର କରୁଥିଲେ। ପରମହଂସଦେବ ସାତ୍ତ୍ୱିକ ଭକ୍ତର ଯେଉଁସବୁ ଲକ୍ଷଣ ବର୍ଣ୍ଣନା କରିଛନ୍ତି, ଯଥା—ମଶାରି ଭିତରେ ଧ୍ୟାନ ଏବଂ ଘରଦୁଆର, ସଜାସଜି, ନାମ, ଯଶ ପ୍ରଭୃତି ବିଷୟରେ ଅନାସ୍ଥା, ଏହିସବୁ ଭାବ ତାଙ୍କ ଭିତରେ ସ୍ପଷ୍ଟରୁ ସ୍ପଷ୍ଟତର ହେବାକୁ ଲାଗିଲା। ତାଙ୍କର ଅବସ୍ଥା ସ୍ମରଣ କରି ପରମହଂସଦେବଙ୍କର ସେହି ଅମୂଲ୍ୟ କଥାଗୁଡ଼ିକ ମନେପଡୁଛି: ''ଚାତକର ତୃଷ୍ଣାରେ ଛାତି ଫାଟିଯାଉଛି, ସାତ ସମୁଦ୍ର, ନଦନଦୀ, ପୁଷ୍କରିଣୀ ସବୁ ଭରପୂର; ତଥାପି ସେହି ପାଣି ସେ ପିଇବ ନାହିଁ! ସ୍ୱାତୀ ନକ୍ଷତ୍ରର ପାଣି ପାଇଁ ମୁହଁ ଖୋଲି ଅନାଇଁଛି। ସ୍ୱାତୀ ନକ୍ଷତ୍ରର ପାଣି ବିନା ଆଉ ସବୁ ପାଣି ଖାରିଆ।''

ତାଙ୍କ ପ୍ରକୃତିର ଉଦାରତା କିପରି ଲୌକିକ ବ୍ୟବହାରରେ ପ୍ରତିବିମ୍ବିତ ହୋଇଥିଲା, ତାହାର ଗୋଟିଏ ଦୃଷ୍ଟାନ୍ତ ଏଠାରେ ମୁଁ ଦେଉଛି। ଘଟଣାକ୍ରମେ ମୋତେ ଶିଲଂରେ କେତେମାସ ଏକୁଟିଆ ରହିବାର ପ୍ରୟୋଜନ ପଡ଼ିଲା। ସେହି ସମୟରେ ମୁଁ ମୋର ପୂର୍ବୋକ୍ତ ବନ୍ଧୁଙ୍କ ଘରେ ରହିଲି। ସେ ଭକ୍ତ ଓ ଜ୍ଞାନୀ ହେଲେ ମଧ୍ୟ ଅତ୍ୟନ୍ତ ସଦାଚାରନିଷ୍ଠ ବ୍ରାହ୍ମଣ ଥିଲେ। ନିଜ ହାତରେ ରୋଷେଇ କରି ଖାଉଥିଲେ। ରୀତିମତ ଚାକିରୀ କର୍ମ ସାରି ତାଙ୍କୁ ଦୁଇଓଳି ରାନ୍ଧିବାକୁ ପଡୁଥିଲା। ମୋର ଅତ୍ୟନ୍ତ ଚକ୍ଷୁଲଜ୍ଜା ବୋଧ ହେବାରୁ ମୁଁ ଥରେ ଅଧେ ଚୁଲି ଜାଳିବାକୁ ଗଲି; କିନ୍ତୁ ନିଆଁର ଉତ୍ତାପରେ ମୋର ବିଶେଷ କଷ୍ଟ ହେଉଥିଲା। ଏହା ଦେଖି ସେ ଦିନପରେ ଦିନ ନିଜେ ଦୁଇଓଳି ରାନ୍ଧି ମୋତେ ଖୁଆଉଥିଲେ। ତାଙ୍କ ମନରେ ଟିକିଏ ହେଲେ କଷ୍ଟ ହେବାର ମୁଁ ଦେଖି ନାହିଁ।

ସବୁ ଦେଶରେ ସମ୍ରାଟ, ରାଜା ଅବା ଦୁଷ୍ଟ ଶାସକ ଆଖ୍ୟାଧାରୀ ଶତ ଶତ ଦାନବ ଓ ପିଶାଚଙ୍କର ନାମ ଇତିହାସର ପୃଷ୍ଠାକୁ କଳଙ୍କିତ କରୁଛି। କିନ୍ତୁ ଯେଉଁ ମହାତ୍ମାମାନେ ନିରବରେ ଅନ୍ତର୍ଗୂଢ଼ ପାଶବ ପ୍ରବୃତ୍ତି ସହିତ ଯୁଦ୍ଧ କରି କ୍ଷତ ବିକ୍ଷତ ହେଉଛନ୍ତି ଓ ଧରଣୀକୁ ପବିତ୍ରତାର ଅଶ୍ରୁ-ଗଙ୍ଗାରେ ଅଭିଷିକ୍ତ କରୁଛନ୍ତି, ସେମାନଙ୍କର ଇତିହାସ ଅଧିକାଂଶ ସ୍ଥଳରେ ସେମାନଙ୍କ ସହିତ ବିଲୀନ ହୋଇଯାଏ। ଚିତ୍ତ ସହିତ ଯେଉଁ ଯୁଦ୍ଧ କରିବାକୁ ହୁଏ, ସେହି ଯୁଦ୍ଧର ମହିମା ପ୍ରାକୃତ ମଣିଷଙ୍କର ବୁଦ୍ଧିର ଅଗମ୍ୟ। ସୁତରାଂ ଏହିପରି ମହାତ୍ମାମାନେ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିପାରନ୍ତି ନାହିଁ।

ଯେପରି କବିଗୁରୁ ବାଲ୍ମିକୀଙ୍କର ସ୍ୱଚ୍ଛ ମନରେ ଗୋଟିଏ କ୍ରୌଞ୍ଚ ପକ୍ଷୀର ବିରହ-କ୍ରନ୍ଦନ ଆକୁଳ ସମବେଦନାର ଅଫୁରନ୍ତ ପ୍ରବାହ ସୃଷ୍ଟି କରି ଅପୂର୍ବ ରାମାୟଣ ମହାକାବ୍ୟ ରଚନାର ନିମିତ୍ତକାରଣ ହୋଇଥିଲା, ସେହିପରି ଉକ୍ତ ଭକ୍ତିଭାଜନ ମହୋଦୟଙ୍କର ନିର୍ମଳ ହୃଦୟରେ କଳୁଷ-କାଳିମାର ଛାୟାସନ୍ନିପାତରେ କ୍ଷୁଣ୍ଣ ପବିତ୍ରତାର ମର୍ମସ୍ପର୍ଶୀ କ୍ରନ୍ଦନ ତାଙ୍କର ଅନ୍ତରତମ ପୁରୁଷକୁ ବିକ୍ଷୋଭିତ ଓ ଆଲୋଡ଼ିତ କରି ତାଙ୍କୁ ଦ୍ରୁତଗତିରେ ରାମକୃଷ୍ଣ-ତୀର୍ଥ-ସଳିଳରେ ଅବଗାହନ କରାଇ ଗୋଟିଏ ଆଦର୍ଶ ଭାଗବତ ଜୀବନ ନିର୍ମାଣ କରିବାର ନିମିତ୍ତକାରଣ ହୋଇଥିଲା।

ପଦେ ପଦେ ତାଙ୍କର ଉତ୍କୃଷ୍ଟ ଚରିତ୍ରର ସହସ୍ର ସହସ୍ର ଲକ୍ଷଣ ଆପେ ଆପେ ଫୁଟି ଉଠୁଥିଲା—ସେଗୁଡ଼ିକର ସମ୍ୟକ୍ ବର୍ଣ୍ଣନା ଅସମ୍ଭବ। ଯଦି କେହି ବାସ୍ତବିକ ଅଜାତଶତ୍ରୁ ଥାଆନ୍ତି ତାହେଲେ ସେ ହେବେ ଏହି ଭଦ୍ରବ୍ୟକ୍ତି। ସତ୍ୟାସତ୍ୟ ନିର୍ଣ୍ଣୟ କରିବା ପାଇଁ ଉପଲକ୍ଷ ଦେବା ବ୍ୟତୀତ ତାଙ୍କ ମୁହଁରୁ କୌଣସି ବ୍ୟକ୍ତିଙ୍କର ନିନ୍ଦା ମୁଁ କେବେହେଲେ ଶୁଣି ନାହିଁ। ଯଦିଓ ଭାଗବତରେ କୁହାଯାଇଛି:

''ନ ଭାରାଃ ପର୍ବତା ଭାରାଃ ସପ୍ତଦ୍ୱୀପା ଚ ମେଦିନୀ।
ନିନ୍ଦୁକସ୍ୟ ମହାଭାରାଃ ଭାରାଃ ବିଶ୍ୱାସଘାତକାଃ।''

ତଥାପି ଏପରି ଲୋକ ସବୁ ସମାଜରେ ବିରଳ ଯେ ଏପରି ଅସୂୟାରହିତ ସମଚିତ୍ତତା ଲାଭ କରିଛନ୍ତି, ଯେ ଭ୍ରମରେ ମଧ୍ୟ ପରଚର୍ଚ୍ଚା କରନ୍ତି ନାହିଁ।

ଏହିପରି ଆନ୍ତରିକତା-ସମ୍ପନ୍ନ ନିରଭିମାନି ପୁରୁଷ ବିଭିନ୍ନ ପ୍ରକାର ଘଟଣାର ସଂଘର୍ଷଣରେ ରାମକୃଷ୍ଣଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଶ୍ରୀଶ୍ରୀମାତାଠାକୁରାଣୀଙ୍କ (ସାରଦାଦେବୀଙ୍କ) ପଦପ୍ରାନ୍ତରେ ଉପନୀତ ହେଲେ। ଭାବିଥିଲେ ଶ୍ରୀଶ୍ରୀମାଆଙ୍କୁ ପରୀକ୍ଷା କରି ଦେଖିବେ। କିନ୍ତୁ ଯେ ନାମକୁ ମାତ୍ର ସଂଶୟୀ ଥିଲେ ଏବଂ ନିଦାରୁଣ ମର୍ମନ୍ତୁଦ ସଂଶୟକୁ ବିନାଶ କରି ସତ୍ୟ ଏବଂ ଶାନ୍ତି ଲାଭ ପାଇଁ ତପ୍ତଶିର ବ୍ୟକ୍ତିଙ୍କ ପରି ଅସ୍ଥିର ଓ ଆକୁଳ ହେଉଥିଲେ, ତାଙ୍କର ହୃଦୟକୁ ''ଗୁରୁ-ବେଦାନ୍ତ-ବାକ୍ୟେଷୁ ଶ୍ରଦ୍ଧା'' ରୂପକ ଆସ୍ତିକ୍ୟ ବୁଦ୍ଧି ଆସିବାକୁ ଆଉ କେତେ ଡେରି ହୋଇପାରେ। ଯେଉଁ ମୁହୂର୍ତ୍ତରେ ସେ ଶ୍ରୀଶ୍ରୀମାଆଙ୍କ ନିକଟରେ ଉପନୀତ ହେଲେ ସେହି ମୁହୂର୍ତ୍ତରେ ଏତେ ଛଟ୍‌ପଟ୍ ଏତେ ବ୍ୟାକୁଳତା ସେହି ଗମ୍ଭୀରବେଦୀ ପୁରୁଷଙ୍କ ଭିତରେ ଅଭିବ୍ୟକ୍ତ ହେଲା ଯେ, ତାହାର ବର୍ଣ୍ଣନା କେବଳ ଶାସ୍ତ୍ରରେ ଏବଂ ରାମକୃଷ୍ଣ କଥାମୃତରେ ମିଳେ—ଅନ୍ୟତ୍ର ଦୁର୍ଲଭ। ତାଙ୍କର ସଂସାରବୁଦ୍ଧି କେଉଁଆଡ଼େ ଉଡ଼ିଗଲା। ସେ ଏକାଧାରରେ ପଣ୍ଡିତ, ବିଚାରଶୀଳ ଓ ମନନଶୀଳ ଥିଲେ। ତାଙ୍କର ତର୍କବୁଦ୍ଧି ବିଲୁପ୍ତ ହେଲା। ସଂଶୟର ମେଘ ଭାସିଗଲା ଏବଂ ଦୃଢ଼ମୂଳ ବିଶ୍ୱାସର ସୂର୍ଯ୍ୟ ତାଙ୍କ ହୃଦୟକୁ ଉଦ୍ଭାସିତ କରି ତାଙ୍କର ଅନ୍ତର୍ଯ୍ୟାମୀ ଆତ୍ମାକୁ ଅମୃତ-ସିଞ୍ଚନରେ ଆପ୍ଲୁତ କରିଦେଲା।


ପରମହଂସଦେବଙ୍କର ଗୋଟିଏ ଅଦ୍ଭୁତ ଉପମା ଅଛି। ସେ ଗୋଟିଏ ଜାଗାରେ କହିଛନ୍ତି ଯେ, ଏକ ପ୍ରକାର ଶାମୁକା ଅଛି, ଯେପର୍ଯ୍ୟନ୍ତ ସ୍ୱାତୀ ନକ୍ଷତ୍ରର ପାଣି ତା ମୁହଁରେ ନ ପଡ଼ିଛି ସେପର୍ଯ୍ୟନ୍ତ ସେ ମୁହଁ ଖୋଲି ସମୁଦ୍ର ଉପରେ ବୁଲୁଥାଏ। ସ୍ୱାତୀ ନକ୍ଷତ୍ରର ଜଳ ମୁହଁରେ ପଡ଼ିବା ମାତ୍ରେ ସେ ଏକାବେଳକେ ସମୁଦ୍ର ତଳକୁ ଚାଲିଯାଏ ଏବଂ ଆଉ ଉପରକୁ ଉଠେ ନାହିଁ। ଏହି ଭକ୍ତଙ୍କର ମଧ ଠିକ୍ ସେହି ଅବସ୍ଥା ହୋଇଥିଲା। ସେ ବିଶ୍ୱାସରୂପକ ସମୁଦ୍ରରେ ବୁଡ଼ିଗଲେ। ତାଙ୍କର ବେଦ ହେଲା 'କଥାମୃତ'। ଏକନିଷ୍ଠ ଶାସ୍ତ୍ରାନୁରାଗୀ ବ୍ରାହ୍ମଣ ଭକ୍ତ 'କଥାମୃତ'ର ଆଲୋକରେ ସବୁ ଶାସ୍ତ୍ରକୁ ଆଲୋକିତ ଦେଖିଲେ। ଏହି ପ୍ରକାର ବ୍ୟକ୍ତିଙ୍କ ପକ୍ଷରେ କଅଣ ଶାସ୍ତ୍ରର ଆପୋଷ ବ୍ୟାଖ୍ୟା ସମ୍ଭବ? ଅନେକେ 'କଥାମୃତ'ର କଥାକୁ ନିଜ ଭାବ ଅନୁଯାୟୀ ଟାଣି ଆଣି ଅର୍ଥ ବାହାର କରନ୍ତି—ହୁଏତ ଗୋଟିଏ ବିଶ୍ୱାସର କଥା ଉପରେ ଜୋର୍ ଦେଇ ନିଜ ଜୀବନ ସହିତ ପରମହଂସଦେବଙ୍କର ଆଦର୍ଶ ଭକ୍ତଙ୍କ ମଧ୍ୟରେ ଯେଉଁ ବ୍ୟବଧାନ ଅଛି ତାହାକୁ ଚାପା ଦେବା ପାଇଁ ଚେଷ୍ଟା କରନ୍ତି। କିନ୍ତୁ ଯାହାଙ୍କର ଏହିପରି କୁଶାଗ୍ର ବୁଦ୍ଧି, ବେଦୋଜ୍ଜ୍ୱଳା ମତି ଓ ଯଥାର୍ଥ ସାତ୍ତ୍ୱିକୀ ବୁଦ୍ଧି, ତାଙ୍କ ମଧ୍ୟରେ ଏପରି ଅସଙ୍ଗତି କିପରି ରହିବ? ତାଙ୍କ ମଧ୍ୟରେ ଦେଖିଛି ଅସୂୟାରହିତ ଅଦ୍ଭୁତ ପରମତସହିଷ୍ଣୁତା (ଅହିଂସା), ଅସତ୍ୟ-କଥନରେ ଅପାରଗତା (ସତ୍ୟ), ଐଶ୍ୱର୍ଯ୍ୟ ପ୍ରତି ଏକାନ୍ତଭାବରେ ଅନାସ୍ଥା (ଅସ୍ତେୟ), ଚିତ୍‌ହସ୍ତ ପରିବର୍ତ୍ତେ ଅଧୋମୁଖୀ ହସ୍ତତା (ଅପରିଗ୍ରହ) ଓ କଥାବାର୍ତ୍ତା ଏବଂ ବ୍ୟବହାରରେ ପବିତ୍ରତା। ପାଞ୍ଚୋଟି ଯମ ହିଁ ତାଙ୍କ ଭିତରେ ବିଦ୍ୟମାନ ଥିଲେ। ସୁତରାଂ 'କଥାମୃତ' ପଢ଼ିବା ପରେ ଯେତେବେଳେ ତାହା ହିଁ ହେଲା ତାଙ୍କ ପାଇଁ ବେଦ, ସେତେବେଳେ ଏହିପରି ବ୍ୟକ୍ତି ପକ୍ଷରେ ଏହି ଆପୋଷ-ପ୍ରଧାନ ସଂସାରରେ ରହିବା ଆଉ କଅଣ ସମ୍ଭବ? ଦିନେ ହଠାତ୍ ଶୁଣିଲି—ସେ ସଂସାର ତ୍ୟାଗ କରିଛନ୍ତି।

ମୁଁ ସଂସାରୀ, ତେଣୁ ଏତେ ବଡ଼ ଜଣେ ଆଦର୍ଶ ଗୃହୀଙ୍କୁ ହରାଇବା ପରେ ମୋର ମନରେ କଷ୍ଟ ହେଲା। କିନ୍ତୁ ଅନ୍ୟ ଉପାୟ ନ ଥିଲା। ମହତ୍‌ଙ୍କ ପକ୍ଷରେ ଏହି ହିଂସା-ବହୁଳ ଓ ନାମଯଶ-ଆକାଙ୍କ୍ଷା-କଳୁଷିତ ସଂସାରରେ ରହି ବ୍ରହ୍ମତତ୍ତ୍ୱ ଓ ବ୍ରହ୍ମାନନ୍ଦ ଲାଭ କରିବା ସୁଦୁର୍ଲଭ। ସତ୍ୟ, ତୀବ୍ର ବୈରାଗ୍ୟ, ତୀବ୍ର ଅନୁରାଗ, ଉଦାରତା ଓ ସରଳତା ପରି ପାଞ୍ଚୋଟି ଗୁଣ ତାଙ୍କ ଭିତରେ ଜାଜ୍ଜ୍ୱଲ୍ୟମାନ ଥିବାର ଦେଖିଛି। ଆଜି ସେ ବିଦୁର-ସମ୍ଭାଷଣରେ ଯଧିଷ୍ଠିରଙ୍କ ଉକ୍ତ ଅମୂଲ୍ୟ କଥାଟିର ସାର୍ଥକତା ପ୍ରତିପାଦନ କରିଛନ୍ତି, ଅର୍ଥାତ୍ ଭାଗବତ ଭଗବାନ ଶ୍ରୀରାମକୃଷ୍ଣଙ୍କୁ ଅନ୍ତରରେ ଧାରଣ କରି ଯେଉଁଠାରେ ପଦାର୍ପଣ କରିଛନ୍ତି ସେହି ସ୍ଥାନକୁ ତୀର୍ଥ କରିଛନ୍ତି। ଏହି ଗୁପ୍ତଯୋଗୀ ଆର୍ତ୍ତଙ୍କର ଆରାମସ୍ଥଳ ଓ ସଂଶୟାତ୍ମାଙ୍କର ତିରସ୍କାରରୂପେ ନିଜ ଚରିତ୍ରର ମାହାତ୍ମ୍ୟ ଦ୍ୱାରା ସମୀପାଗତ ଜନସାଧାରଣଙ୍କର ଚିତ୍ତର କ୍ଷୁଦ୍ରତା ଅପସାରିତ କରି ଅବସ୍ଥାନ କରୁଛନ୍ତି। ●

# ବ୍ରହ୍ମଦାରୁ ଓ ଦାରୁବ୍ରହ୍ମ

**ବିମଳକୃଷ୍ଣ ପାଲ**

ଶ୍ରୀଜଗନ୍ନାଥକ୍ଷେତ୍ରର ଆନୁଷ୍ଠାନିକ ପୂଜା ପାର୍ବଣ ସର୍ବଭାରତୀୟ ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ପ୍ରତିଷ୍ଠିତ। ସେହି ଆଧ୍ୟାତ୍ମିକ ତତ୍ତ୍ୱମାନ ମଧ୍ୟ ଅତି ପ୍ରାଚୀନ ଶାସ୍ତ୍ର-ପୁରାଣାଦିରେ ମୌଳିକ ଭାବରେ ରକ୍ଷିତ। ସୁତରାଂ ବହୁ ବିଷୟରେ ଶ୍ରୀଜଗନ୍ନାଥ ଆଧୁନିକ ପଣ୍ଡିତମ୍ମନ୍ୟ ବ୍ୟକ୍ତିମାନଙ୍କ କାଳ୍ପନିକ ଆବିଷ୍କାରମୂଳକ ଆତ୍ମତାତ୍ତ୍ୱିକ ଗବେଷଣାର ବସ୍ତୁ ନୁହନ୍ତି। ପୁରାଣଙ୍କୁ ପ୍ରାମାଣ୍ୟ ବୋଲି ମାନୁଥିବା ଓ ତହିଁ ସଙ୍ଗେ ସାମଞ୍ଜସ୍ୟ ରଖି ନିଜ ନିଜର ସ୍ୱକୀୟ-ଆଧ୍ୟାତ୍ମିକ ଭାବ-ଜୀବନକୁ ସ୍ୱୟଂ ଉପଭୋଗ କରିବାକୁ



ବଦ୍ଧପରିକର—ଅଗଣିତ ରକ୍ଷଣଶୀଳ ଜନତାଙ୍କୁ କପୋଳକଳ୍ପିତ ଆଧୁନିକ ଗବେଷଣାଜାଲରେ ବିହ୍ୱଳ କରିବାର ଯୋଗ୍ୟତା ବା ଅଧିକାର ଆମ୍ଭର ନାହିଁ। ମାତ୍ର ଧର୍ମପିପାସୁ, ବିଶ୍ୱାସୀ ଜନସାଧାରଣଙ୍କୁ ଆମେ ସାହାଯ୍ୟ କରିପାରୁ—ଶାସ୍ତ୍ରୀୟ ସମ୍ବାଦ-ପରିବେଷଣ ଦ୍ୱାରା। ବେଦ ପୁରାଣ ଶାସ୍ତ୍ରାଦି ଭାରତରେ ଏତେ ବିରାଟ ଯେ ସେଗୁଡ଼ିକର କଳ୍ପିତ ବ୍ୟାଖ୍ୟା ଜାତିପକ୍ଷରେ ଅତି ମାରାତ୍ମକ ହୋଇଆସିଛି। ମୂଳ ଶାସ୍ତ୍ରରୁ ବିଚ୍ଛିନ୍ନ ଶାସ୍ତ୍ରବ୍ୟାଖ୍ୟା ଦ୍ୱାରା ଭାରତର ଆଧ୍ୟାତ୍ମିକ ତଥା ସାମାଜିକ ଜୀବନରେ ନାନା ବିପର୍ଯ୍ୟୟ ସାଧିତ ହୋଇଛି। ମୂଳ ଶାସ୍ତ୍ରବ୍ୟାଖ୍ୟା ସମ୍ବନ୍ଧରେ ଏକାନ୍ତ ଅନଭିଜ୍ଞ ବିଶ୍ୱାସୀ ଜନତା ବ୍ୟାଖ୍ୟାକାରମାନଙ୍କ ସ୍ୱାର୍ଥାନ୍ଧ, ଗୋଷ୍ଠୀଗତ ଆଧିପତ୍ୟ-ଜାଲରେ ଆବଦ୍ଧ ହୋଇ ପଡ଼ିଛନ୍ତି। ସୁତରାଂ ଆଜି ଆମ୍ଭମାନଙ୍କୁ ଏହି କାଳ୍ପନିକ ବ୍ୟାଖ୍ୟାଜାଲରୁ ରକ୍ଷା ପାଇବା ନିମନ୍ତେ କେବଳ ମୂଳ ଶାସ୍ତ୍ର ବା ପୁରାଣକୁ ସରଳ ଭାଷାରେ ଅନୁବାଦ କରିବାକୁ ହେବ। ଯେବେ କୌଣସି ତତ୍ତ୍ୱ ସେଥିରୁ ବାହାରିବ, ତାହା ସର୍ବସାଧାରଣଙ୍କ ବିଚାର୍ଯ୍ୟ।

ଦାରୁବ୍ରହ୍ମ ଗୋଟିଏ ଆଧ୍ୟାତ୍ମିକ ପାରିଭାଷିକ ବିଶିଷ୍ଟ ଶବ୍ଦ। ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ରୂପ ଧାରଣ କରିବା ମଧ୍ୟ ଗୋଟିଏ ଅତି ପ୍ରାଚୀନ ସର୍ବଭାରତୀୟ ଆଧ୍ୟାତ୍ମିକ ତତ୍ତ୍ୱ। ଏହି ତତ୍ତ୍ୱଟି ଆଧୁନିକ ଅର୍ଥରେ ମଧ୍ୟ ଚିତ୍ତାକର୍ଷକ। ସ୍କନ୍ଦ ପୁରାଣର ଉତ୍କଳଖଣ୍ଡର ଅଷ୍ଟାବିଂଶ ଅଧ୍ୟାୟର ୩୮, ୩୯ ଓ ୪୦ ନମ୍ବର ଶ୍ଳୋକରେ ବ୍ରହ୍ମା ଶ୍ରୀ ଇନ୍ଦ୍ରଦ୍ୟୁମ୍ନଙ୍କୁ କହୁଛନ୍ତି—

''ଶ୍ରୀଜଗନ୍ନାଥ ଗୋଟିଏ ଦାରୁମୟୀ ମୂର୍ତ୍ତି, ଏହିପରି ବିବେଚନା କରି ଏହି ଜଗନ୍ନାଥଙ୍କର ମୂର୍ତ୍ତିରେ ତୁମ୍ଭର ପ୍ରତିମାବୁଦ୍ଧି ହେବା ଉଚିତ ନୁହଁ। ସର୍ବଦୁଃଖ ଖଣ୍ଡନ କରୁଥିବା ଓ ଅଖଣ୍ଡ ଆନନ୍ଦ ଦେଉଥିବାରୁ ଏହି ଜଗନ୍ନାଥ-ମୂର୍ତ୍ତିଙ୍କୁ ପରଂବ୍ରହ୍ମଙ୍କ ଆକୃତି ବୋଲି ଜାଣିରଖ। ମନୀଷୀମାନେ ପରଂବ୍ରହ୍ମଙ୍କୁ 'ସ୍ୱଭାବତଃ-

ଦାରୁବତ୍' ବୋଲି କହନ୍ତି । ଚତୁର୍ବେଦାନୁସାରେ ବ୍ରହ୍ମରୂପୀ ଦେବ ନାରାୟଣ ଏହି ଅର୍ଥରେ ହିଁ ଦାରୁମୟ—ଏ କଥା ସମସ୍ତଙ୍କୁ ଜଣା । ଏକମାତ୍ର ସେହି ବ୍ରହ୍ମରୂପୀ ନାରାୟଣ ହିଁ ଅଖିଳ ଜଗତ୍-ବସ୍ତୁର ସ୍ରଷ୍ଟା । ପ୍ରକୃତପକ୍ଷରେ ଆଉ ଅନ୍ୟ କେହି ସ୍ରଷ୍ଟା ନାହାନ୍ତି । ସୁତରାଂ ଏହି ବ୍ରହ୍ମରୂପୀ ନାରାୟଣ ନିଜକୁ ମଧ୍ୟ ସୃଷ୍ଟି କରିଅଛନ୍ତି ।'' (ସୁତରାଂ ଦାରୁବ୍ରହ୍ମ ବ୍ରହ୍ମଦାରୁ ଭାବରେ ନିଜେ ନିଜକୁ ସୃଷ୍ଟି କରନ୍ତି ।)

''ଯେଉଁ ବ୍ୟକ୍ତି ନୀଳାଚଳସ୍ଥ ଏହି ଦାରୁମୟ ବିଷ୍ଣୁଙ୍କୁ ଅର୍ଚ୍ଚନା କରିବେ ତାଙ୍କ ପକ୍ଷରେ ଆଉ ଅଧିକ ଭାବରେ ଯଜ୍ଞ, ତୀର୍ଥ, ବ୍ରତ, ଦାନ ଓ ତପସ୍ୟାଦିର ପ୍ରୟୋଜନ ନାହିଁ । ଏହି ସିନ୍ଧୁ-କୂଳରେ ଅକ୍ଷୟ ବଟମୂଳରେ ନୀଳାଚଳସ୍ଥିତ ଏହି ଦାରୁମୟ ବ୍ରହ୍ମଙ୍କୁ ଦର୍ଶନ କରି ସମସ୍ତେ ମୁକ୍ତିଲାଭ କରିବେ ।'' (ସ୍କନ୍ଦପୁରାଣ—ଉତ୍କଳ ଖଣ୍ଡ—୨୮, ୩୮, ୩୯, ୪୦, ୫୨, ୫୩) ଦାରୁମୟ ବିଷ୍ଣୁମୂର୍ତ୍ତିଙ୍କୁ ଲୌକିକ ଭାବରେ ପ୍ରତିଷ୍ଠା କରିବାକୁ ହେଲେ ମୂର୍ତ୍ତିନିର୍ମାଣ ଆବଶ୍ୟକ । ବ୍ରହ୍ମରୂପୀ ବିଷ୍ଣୁ ନିଜେ ନିଜକୁ ସୃଷ୍ଟି କରନ୍ତି ଅତଏବ ସେ ଦାରୁରୂପରେ ପରିଚିତ । କିନ୍ତୁ ମଣିଷ ଜାଣିବ କିପରି ଯେ ବ୍ରହ୍ମ ନିଜ ରୂପକୁ ଏହି ବୃକ୍ଷର ଦାରୁକୁ ନିଜ ମୂର୍ତ୍ତି ନିର୍ମାଣ ସକାଶେ ଚିହ୍ନିତ କରି ରଖିଛନ୍ତି ! ଏ ବିଷୟଟିର ମଧ୍ୟ ମୌଳିକ ଗବେଷଣା ସ୍ଥାନ ଅତି ସଂକୀର୍ଣ୍ଣ । ଆଇନଗତ ଅର୍ଥରେ ଏ ବିଷୟଟି ମଧ୍ୟ Resi tigra ନୁହେଁ । ଶାସ୍ତ୍ରଦ୍ୱାରା ଅସୀମାଂସିତ ନୁହେଁ । ସ୍କନ୍ଦ ପୁରାଣରେ ବ୍ରହ୍ମଦାରୁର ଚିହ୍ନ ମଧ୍ୟ ଉଲ୍ଲିଖିତ ହୋଇଅଛି—

''ଦେବଦୃଷ୍ଟୋ ମହାବୃକ୍ଷସ୍ତଟଭୂମୌ ମହୋଦଧେଃ
ପ୍ରବିଷ୍ଟାଗ୍ରସମୁଦ୍ରାନ୍ତଃ କଲ୍ଲୋଳପ୍ଳବମୂଳକଃ ॥
ମାଞ୍ଜିଷ୍ଠବର୍ଣ୍ଣଃ ସର୍ବତ୍ର ଶଙ୍ଖଚକ୍ରାଙ୍କିତଃ ପ୍ଳବନ୍
ସ୍ନାନ-ବେଶସମୀପେ ସୌ ଦୃଷ୍ଟୋସ୍ମାଭିଃ ପରୋଦ୍‌ଭୂତଃ୍ଥା''
(ସ୍କନ୍ଦ—ଉତ୍କଳଖଣ୍ଡ—୧୮।୬-୭)

ନୀଳାଚଳର ବିଲ୍ୱେଶ୍ୱର ମହାଦେବଙ୍କର ସେବକମାନେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଆସି ଜଣାଇଲେ— ''ହେ ଦେବ ! ମହାସମୁଦ୍ରର ତଟଭୂମିରେ ଗୋଟିଏ ମହାବୃକ୍ଷ ଦେଖାଯାଉଛି । ତାହାର ଅଗ୍ରଭାଗ ସମୁଦ୍ର ମଧ୍ୟରେ ଅବସ୍ଥିତ ଓ ମୂଳଦେଶ ଜଳକଲ୍ଲୋଳରେ ପ୍ଳାବିତ ହୋଇ ହୋଇ ଭାସି ଭାସି ଆସି ଆମ୍ଭର ସ୍ନାନଗୃହର ସମ୍ମୁଖରେ ଉପସ୍ଥିତ । ଏହି ବୃକ୍ଷର ଅବୟବ ମାଞ୍ଜିଷ୍ଠ ବର୍ଣ୍ଣ । ଶଙ୍ଖ-ଚକ୍ର ଚିହ୍ନଦ୍ୱାରା ଚିହ୍ନିତ । ଆମେ ଏହି ବୃକ୍ଷଟିକୁ ଗୋଟିଏ ଅସାଧାରଣ ପଦାର୍ଥ ବୋଲି ମନେକରୁଛୁ ।'' ମାତ୍ର ଏହି ବୃକ୍ଷଟିରେ ଯେଉଁ ଶଙ୍ଖଚକ୍ରର ଚିହ୍ନ ଅଛି ତାହାର ତାତ୍ପର୍ଯ୍ୟ କଅଣ ? ଦେବର୍ଷି ନାରଦ ଆସି ଏହି ବିଷୟଟିକୁ ପ୍ରାଞ୍ଜଳ ଭାବରେ ବୁଝାଇ ଦେଲେ—

''ହେ ମହାରାଜ ! ଭଗବାନ୍ ବିଷ୍ଣୁଙ୍କର ଅଙ୍ଗ-ସମୁଦ୍ଭବ ରୋମରାଜି ସ୍ଖଳିତ ହୋଇ ଏହି ବ୍ରହ୍ମଦାରୁରେ ପରିଣତ ହୋଇଅଛି । ଭକ୍ତବତ୍ସଳ ଭଗବାନ୍ ବିଷ୍ଣୁ ବ୍ରହ୍ମାଙ୍କ ଅଂଶାବତାର ଭାବରେ ବୃକ୍ଷ ରୂପରେ ଆବିର୍ଭୂତ ହୋଇଅଛନ୍ତି ।''

ନାରଦଙ୍କର ବ୍ୟାଖ୍ୟାରୁ ମହାରାଜ ଇନ୍ଦ୍ରଦ୍ୟୁମ୍ନ ବୁଝିପାରିଲେ ଯେ ଭଗବାନ ବିଷ୍ଣୁରୂପ ପ୍ରାପ୍ତ ହୋଇଥିବାରୁ ବୃକ୍ଷରେ ଶଙ୍ଖ-ଚକ୍ରର ଚିହ୍ନ ରହିବା ଅତି ସ୍ୱାଭାବିକ । ଏହି ବ୍ରହ୍ମଦାରୁ ଯେ ଦାରୁବ୍ରହ୍ମଙ୍କର ମୂର୍ତ୍ତି ନିର୍ମାଣ ନିମନ୍ତେ ନିର୍ଦ୍ଦିଷ୍ଟ, ତାହା ମଧ୍ୟ ସ୍ପଷ୍ଟ ଜଣାଯାଉଛି ।

ଶ୍ରୀବିଷ୍ଣୁରୂପୀ ବ୍ରହ୍ମାଙ୍କର ଦାରୁବ୍ରହ୍ମ ଜଗନ୍ନାଥ-ରୂପ ଧାରଣକୁ ସର୍ବଭାରତୀୟ ଅଧ୍ୟାତ୍ମଶାସ୍ତ୍ରବିଦ୍‌ମାନେ ଗୋଟିଏ ଅତିବିଶିଷ୍ଟ ଭାରତୀୟ ଅଧ୍ୟାତ୍ମତତ୍ତ୍ୱରେ ପରିଣତ କରିଅଛନ୍ତି । ଏହିଠାରେ ଶ୍ରୀକ୍ଷେତ୍ର ଅନ୍ୟାନ୍ୟ ତୀର୍ଥମାନଙ୍କ ମଧ୍ୟରେ ଅଦ୍ୱିତୀୟ ଓ ଅତୁଳନୀୟ । ଈଶ୍ୱରତତ୍ତ୍ୱରେ ଗୋଟିଏ ତତ୍ତ୍ୱ ହେଉଛି— The cult of suffering God. ଭଗବାନ ମଧ୍ୟ ଯାବତୀୟ ସୁଖ-ଦୁଃଖ ଭୋଗ କରନ୍ତି । ଏହି ତତ୍ତ୍ୱଟିକୁ ଜଗଦ୍‌ବିଖ୍ୟାତ ଦାର୍ଶନିକ ଆଚାର୍ଯ୍ୟ ବ୍ରଜେନ୍ଦ୍ରନାଥ ଶୀଲ୍ ରୂପଦାନ କରିଛନ୍ତି । ସ୍କନ୍ଦ ପୁରାଣ କହନ୍ତି ଯେ, ବୃକ୍ଷର ସର୍ବଶ୍ରେଷ୍ଠ ଗୁଣ ଏହି ଯେ ତାହା ସବୁ ଭୋଗକରେ ଓ ସବୁ ସହେ । ପାରିପାର୍ଶ୍ୱିକ ମଉଜ୍‌ମଜଲିସ୍ ବା ଯେତେ ଝଡ଼ଝଞ୍ଜା, ଶୀତତାପ ହେଉ ପଛକେ—ବୃକ୍ଷ ନୀରବ ଭାବରେ ସବୁ ଉପଭୋଗ କରେ ଓ ସବୁ ସହ୍ୟ କରେ । ବୃକ୍ଷର ଏହି ଭୋଗପ୍ରିୟତା ଓ ସହନଶୀଳତାର ବର୍ଣ୍ଣନା ମଧ୍ୟ ଭାରତୀୟ ଧର୍ମ-ସାହିତ୍ୟରେ ଅତି ଚିତ୍ତାକର୍ଷକ । ପୁରାଣ କହନ୍ତି ଯେ,

ବୃକ୍ଷ ପଥର ନୁହେଁ—ସେ ସଜୀବ। ଅକାତରରେ ଫଳପୁଷ୍ପ ଦାନ ଦିଏ। କୌଣସି ପ୍ରତ୍ୟୁପକାରର ପ୍ରତ୍ୟାଶା କରେ ନାହିଁ। ଆଶ୍ରିତ ବ୍ୟକ୍ତିର ଯୋଗ୍ୟତା ମଧ୍ୟ ବୃକ୍ଷ ବିଚାର କରେ ନାହିଁ। ବୃକ୍ଷକୁ ହାଣିବା ଲୋକଙ୍କୁ ମଧ୍ୟ ବୃକ୍ଷ ଛାୟାଦାନ କରେ। ଠିକ୍ ଏହିପରି—ବ୍ରହ୍ମଙ୍କର ନାନା ପ୍ରକାଶ ବା ବିଳାସ ମଧ୍ୟରେ— ନୀଳାଚଳର ଦାରୁରୂପୀ ବ୍ରହ୍ମ, ଧ୍ୟାନ ଧାରଣା ଯୋଗ୍ୟତା ପ୍ରଭୃତିକୁ ଅପେକ୍ଷା ନ କରି, ଧର୍ମଜୀବନର ପାରଦର୍ଶିତାକୁ ଏକାବେଳକେ ବିଚାର ନ କରି, ଏକାବେଳକେ ହାତଟେକା ଭାବରେ କୃପା ବିତରଣ କରନ୍ତି—

''ଭୋଗାନ୍ ଭୋକ୍ତୁଂ ତ୍ରିଲୋକସ୍ଥାନ୍ ଦାରୁରୂପୀ ଜନାର୍ଦ୍ଦନଃ
ଅନେକଜନ୍ମସାହସ୍ରୈଃ ଭକ୍ତିଯୋଗେନ ଭାବିତଃ ॥''

(୨୩।୪୭)

''ସେହି ଦାରୁରୂପୀ ଜନାର୍ଦ୍ଦନ—ତ୍ରିଲୋକସ୍ଥିତ ସମୁଦାୟ ଭୋଗ, ସମ୍ଭୋଗ ବାସନାରେ ଦାରୁବିଗ୍ରହ ଧାରଣ କରିଅଛନ୍ତି। ସେହି ଦାରୁବ୍ରହ୍ମ ବହୁସହସ୍ର ଜନ୍ମର ଭକ୍ତିଦ୍ୱାରା ଚିନ୍ତନୀୟ।''

''ଅଶେଷକର୍ମନାଶାୟ ଜଗତାଂ ସର୍ବମୁକ୍ତୟେ
ଧାରଣାଧ୍ୟାନଯୋଗାନାଂ ଦୁଷ୍କରାଣାଂ ବିନାପି ସଃ ॥''

(୨୩।୪୯)

''ଜୀବମାନଙ୍କର ଅଶେଷ କର୍ମ ବିନାଶ ନିମନ୍ତେ ଓ ଜଗତର ସମୂହମୁକ୍ତି ସମ୍ପାଦନ ନିମନ୍ତେ ଧ୍ୟାନ, ଧାରଣା ପ୍ରଭୃତି ଦୁଷ୍କର ଯୋଗ ବ୍ୟତିରେକେ ମଧ୍ୟ ମୋକ୍ଷ ପ୍ରଦାନ ବାସନାରେ ଏହି ପୁରୁଷୋତ୍ତମ ଭଗବାନ୍ ଆବିର୍ଭୂତ ହୋଇଅଛନ୍ତି।''

''ପ୍ରଚ୍ଛନ୍ନବପୁଷେ ତସ୍ମୈ ତସ୍ମାତ୍ ନାନ୍ୟଂ ବିଚାରୟେତ୍
ଧାର୍ମିଗ୍ରାହପ୍ରମାଣେନ ଯାଦୃକ୍ଦୃଷ୍ଟଃ ସ ଏବ ସଃ
ଚତୁର୍ବର୍ଗପ୍ରଦୋ ଦେବୋ ଯୋ ଯଥା ତତ୍ ବିଭାବୟେତ୍ ॥''

(୨୩।୫୦)

''ଗୋପନୀୟ ତତ୍ତ୍ୱସମ୍ବଳିତ ଦାରୁମୟ ମୂର୍ତ୍ତି ବିଷୟରେ କେବେହେଲେ ବିତର୍କ କରିବା ଉଚିତ ନୁହଁ।''

''ଯେଉଁ ଭକ୍ତ ଏହି ଦାରୁମୟ ମୂର୍ତ୍ତିକୁ ଯେଉଁ ଭାବପ୍ରକାରେ ଦର୍ଶନ କରନ୍ତି, ଧର୍ମିଷ୍ଠମାନଙ୍କ ସ୍ୱୀକୃତ ପ୍ରମାଣାନୁସାରେ ଏହି ଦାରୁବ୍ରହ୍ମ ସେହି ଭାବରେ ଦର୍ଶନ ଦିଅନ୍ତି ଓ ଯେଉଁ ଭକ୍ତ ଯାହା ଯାହା କରନ୍ତି—ଧର୍ମ, ଅର୍ଥ, କାମ ବା ମୋକ୍ଷ ବା ଏକାବେଳକେ ସବୁ ହେଉ—ଭକ୍ତଙ୍କର କାମନା ଅନୁଯାୟୀ ଦାନ କରନ୍ତି।''

ପୁରୁଷୋତ୍ତମକ୍ଷେତ୍ରର ଦାରୁବ୍ରହ୍ମଙ୍କର ଅନ୍ୟ ଗୋଟିଏ ଗୁଣ ମଧ୍ୟ ଅଛି। ସେ ଭୋଗ କରିବା ନିମନ୍ତେ ଆବିର୍ଭୂତ। ସୁତରାଂ ନିବେଦିତ ନୈବେଦ୍ୟାଦି ପ୍ରତି ସେ କେବଳ ଦୃଷ୍ଟିପାତ କରନ୍ତି ନାହିଁ—ସାକ୍ଷାତ୍ ଭୋଜନ କରନ୍ତି।

''ଭୁଙ୍କ୍ତେ ତତ୍ରୈବ ଭଗବାନ୍ ପଶ୍ୟେତ୍ୟନ୍ୟତ୍ର ଚକ୍ଷୁଷା।''

''କେବଳ ପୁରୁଷୋତ୍ତମ କ୍ଷେତ୍ରରେ ଭଗବାନ୍ ସାକ୍ଷାତ୍ ଭୋଜନ କରନ୍ତି। ଅନ୍ୟତ୍ର ଭଗବାନ୍ ଭକ୍ତପ୍ରଦତ୍ତ ନୈବେଦ୍ୟାଦି ପ୍ରତି କେବଳ ଦୃଷ୍ଟିପାତ କରନ୍ତି।''

ବ୍ରହ୍ମଦାରୁଙ୍କ ଆବିର୍ଭାବ ସନାତନ। ତାହାଙ୍କ ପ୍ରକାଶ ସାମ୍ପ୍ରତିକ। ଏହି ଦାରୁମୂର୍ତ୍ତି ସାମାନ୍ୟ ପ୍ରତିମା ନୁହଁନ୍ତି। ଏ ବିଷୟରେ ପୁରାଣ କହୁଅଛନ୍ତି—

''ସନ୍ତ୍ୟେବ ଶ୍ରୁତୟଃ ପୂର୍ବଂ ଏତଦ୍-ଅର୍ଚ୍ଚାପ୍ରକାଶିକାଃ
ଏତଦ୍ଦର୍ଶନତସ୍ତା ବୈ ମଦର୍ଥେନ ନିୟୋଜିତାଃ ॥''

(୨୧।୮)

''ଏହି ଜଗନ୍ନାଥ ଦାରୁମୂର୍ତ୍ତି ବିଜ୍ଞାପକ ଶ୍ରୁତିମାନେ ପୂର୍ବରୁ ଅବସ୍ଥିତ ଥିଲେ—ମାତ୍ର ଆଜିକାର ପ୍ରତିମାଗୁଡ଼ିକ ଆଜି ଆମ୍ଭର ପ୍ରତ୍ୟକ୍ଷୀଭୂତ ହେବାରୁ ଆମ୍ଭେ ନିଜେ ମୁକ୍ତିକାର୍ଯ୍ୟରେ ତାହାକୁ ନିୟୋଜିତ କରୁଛୁ।''

''ପ୍ରତିମା ନ ତୁ ଜାନୀ ହି ନିଶ୍ରେୟସକରୀଂ ନୃଣାଂ
ଦର୍ଶନାଦେବ ନ୍ୟଶ୍ୟନ୍ତୀଂ ସୁଦୃଢ଼ାଂ ତମ-ଉତ୍ତମମ୍ ॥''

(୨୧।୭)

''ଏହି ଦାରୁମୂର୍ତ୍ତିଙ୍କୁ କେବଳ ଗୋଟିଏ ସାମାନ୍ୟ ପ୍ରତିମା ରୂପରେ ଜ୍ଞାନ କରନ୍ତୁ ନାହିଁ। କାରଣ ଏହି ଦାରୁ ମନୁଷ୍ୟମାନଙ୍କୁ ମୋକ୍ଷ ପ୍ରଦାନ କରନ୍ତି। ତାଙ୍କୁ ଦର୍ଶନ କଲାମାତ୍ରେ ମନୁଷ୍ୟର ଅତି ଉତ୍କଟ ତମୋଗୁଣ ନଷ୍ଟ ହୋଇଯାଏ।'' ●

# କବିତାୟନ

ପଣ୍ଡିତ ଗୋଦାବରୀଶ ମିଶ୍ର

## ସେହି ସେବକ

ଛାଡ଼ି ତବ ଆରାଧନା, ଭ୍ରମିଛି ବହୁତ ପଥେ,
ରାଜନୀତି, ଅର୍ଥନୀତି ସେବା କରି ଅନୁବ୍ରତେ।
କେବେ ଭୁଞ୍ଜିଅଛି ଫଳେ ଜନତା-ଅର୍ଚ୍ଚନା ମୁହିଁ,
କେବେ ବା ଲାଞ୍ଛନା ଗାଳି ଅଛି ଏ ଜୀବନେ ସହି।
ଶତ ସ୍ରୋତେ ବହିଯାଏ ବିପୁଳ ତଟିନୀ ନୀର;
ଥରେ ତହିଁ ଦେଲେ ଝାମ୍ପ, କେ ଧରିପାରଇ ତୀର ?
ଦୂରୁ ଦୂରେ ବହିନିଏ ସ୍ରୋତର ବିଷମ ଗତି,
କେବେ ବା ଆବର୍ତ୍ତଗର୍ଭେ ପକାଏ କୌତୁକେ ଅତି।
ଏହି ଏକା ଦୁନିଆର ସର୍ବପ୍ରେୟ ପରିଣାମ,
ନ ଭୋଗିଲେ ନିଜ ଅଙ୍ଗେ ପାରିବ ବୁଝି କେ ଜନ ?

ତବ ପଦ ସ୍ଥିର ଆଶ୍ରା ଛାଡ଼ି, ମା ଗୋ ବୀଣାପାଣି,
ଜଗତ-ଜଞ୍ଜାଳ-ସ୍ରୋତେ ଫିଙ୍ଗିଲି ଏ ପ୍ରାଣ ଜାଣି।
କେତେ ଦୂରେ ଅଛି ଆସି ନ ବୁଝେ କିଞ୍ଚିତେ ଆଜି,
ଚାହିଁ ନେତ୍ର ପାଉ ନାହିଁ; ଶିର ପଡୁଅଛି ଭାଜି।
ଏ ମର୍ତ୍ତ୍ୟ ବିଷମ  ସ୍ରୋତେ ଯାଇ କି ଉଜାଣି ସତେ,
ମରଣ ଏ ପାରେ ଦିନେ ବନ୍ଦିବି ଚରଣପ୍ରାନ୍ତେ ?
ଖସିଛି ଶକତି, ଅଛି ଶୁଖି ଆଶା-ଉସ ହୃଦେ,
ଭବିଷ୍ୟ କଳ୍ପନା ଛବି ନୋହୁଛି ପରାଣେ ଉଦେ।
ଏ ଦୀର୍ଘ ସୁଦୂରୁ, ମାଗୋ, ଏ ବନକଳିକା ନବ
ଅର୍ପୁଛି ପୟରେ, ଘେନ, ମୁଁ ସେହି ସେବକ ତବ।

●

# ସାରଗାଛିର ସ୍ମୃତି

*(ପୂର୍ବାନୁକ୍ରମିକ)*

ସ୍ୱାମୀ ସୁହିତାନନ୍ଦ

**୧୧.୨.୫୯**

ସ୍ୱାମୀ ଗମ୍ଭୀରାନନ୍ଦ, ସ୍ୱାମୀ ପୁଣ୍ୟାନନ୍ଦ, ସ୍ୱାମୀ କୈଳାସାନନ୍ଦ ଆସିଲେ। ପ୍ରେମେଶାନନ୍ଦ ମହାରାଜଙ୍କ ସହ ନାନା ବିଷୟରେ କଥାବାର୍ତ୍ତା ହେଲା।

ପୂଜନୀୟ ମହାରାଜଗଣ ଚାଲିଯିବା ପରେ ସେବକ କହିଲା, ''ଠାକୁର କହିଛନ୍ତି, ଯେଉଁ ଲୋକ ରମଣୀ-ସୁଖ ଛାଡ଼ିଛି ସେ ଜଗତ୍‌ସୁଖ ଛାଡ଼ିଛି। ଅଥଚ ଆପଣ ଅବିବାହିତ ଲୋକଙ୍କ ସମ୍ପର୍କରେ କହନ୍ତି—ସେମାନଙ୍କର ସେପରି କୌଣସି ଉନ୍ନତି ହେବ ନାହିଁ।''

**ମହାରାଜ:** 'ଅନାଶ୍ରମୀ' ବୋଲି ଗୋଟିଏ କଥା ଅଛି। ଏମାନେ କୌଣସି ଆଶ୍ରମର ଦାୟଦାୟିତ୍ୱ ନିଅନ୍ତି ନାହିଁ, ଏମାନଙ୍କର progress ହେବା କଷ୍ଟକର। ତେବେ ଯଦି ଭଗବାନଙ୍କୁ ଧରି ରହନ୍ତି ବା କୌଣସି ଆଦର୍ଶ ଅନୁଯାୟୀ ଚଳନ୍ତି, ତାହେଲେ ସେମାନଙ୍କର ଉନ୍ନତି ହୁଏ, ସମାଜର ଉପକାର ମଧ୍ୟ ହୁଏ।

**ସେବକ:** ଆପଣ ସେଦିନ କହିଲେ, ମନ ଓ ବୁଦ୍ଧି ଅ-ଚିତ୍। ତାହେଲେ ସେମାନେ କେଉଁ ପ୍ରାଣରେ ତିଆରି ?

**ମହାରାଜ:** ନା, ସେମାନେ ମାୟାଦ୍ୱାରା ତିଆରି। ସ୍ଥୂଳବସ୍ତୁ ପ୍ରାଣ ଦ୍ୱାରା ତିଆରି। ବସ୍ତୁତଃ ନିଜକୁ ଆବୃତ କରି ବୁଦ୍ଧିକୁ ହିଁ 'ମୁଁ' ଭାବି ମରୁଛି ! ଯେଉଁମାନେ ବିଚାର କରନ୍ତି, ସେମାନଙ୍କ ନିକଟରେ ପ୍ରତ୍ୟେକଟି ଜୀବନ ହିଁ ଭୟାବହ। ସେମାନେ ସଙ୍ଗେ ସଙ୍ଗେ ବସ୍ତୁ ବା ବ୍ୟକ୍ତିର ଭୂତ-ଭବିଷ୍ୟ ଦେଖିପାରନ୍ତି।

ଦ୍ୱିପ୍ରହରର ଭୋଜନ ବେଳେ ସାଧାରଣତଃ ସାଧୁମାନେ ସମସ୍ତେ ମିଶି ଆନନ୍ଦ କରି ଖାଆନ୍ତି। ସେଦିନ ଖାଇବାଘରୁ କୌଣସି ଶବ୍ଦ ଆସୁ ନ ଥିବାରୁ ମହାରାଜ ଖବର ନେବାକୁ ପଠାଇଲେ। ଅସଲ କଥା ହେଲା, ଶବ୍ଦ ହେଲେ ମହାରାଜଙ୍କର କଷ୍ଟ ହୋଇପାରେ ଭାବି ସମସ୍ତେ ନିରବରେ ଖାଉଥିଲେ। ମହାରାଜ କହିପଠାଇଲେ, ''ଯାଅ, ସେମାନଙ୍କୁ ଯାଇ କହ—ସମସ୍ତେ ଆନନ୍ଦ କରି ନ ଖାଇଲେ ମୋର କଷ୍ଟ ହେବ।''

ଜ୍ୟୋତିର୍ମୟଦା ବହରମପୁର ଆଶ୍ରମରୁ ଆସିଛନ୍ତି, ପୁଣି ଫେରିଯିବେ। କହିଲେ, ''ମହାରାଜ, ଆପଣମାନଙ୍କୁ ଛାଡ଼ି ସେଠାକୁ ଯିବା ପାଇଁ ମନ ଚାହୁଁ ନାହିଁ।''

**ମହାରାଜ:** ଆହା, ସେଥିପାଇଁ ତ ଘରଦ୍ୱାର ସବୁ ଛାଡ଼ିଲ ଆମମାନଙ୍କ ସଙ୍ଗରେ ରହିବ ବୋଲି ! କିନ୍ତୁ କଅଣ କରିବ କୁହ !

ମହାରାଜ ଭ୍ରମଣ ସାରି ସନ୍ଧ୍ୟାବେଳେ ଘରେ ପଶିଛନ୍ତି। ତାଙ୍କୁ ମଶାରି ଭିତରେ ରଖି ସେବକ ଯେତେବେଳେ ବାହାରି ଆସୁଛି ସେତେବେଳେ ମହାରାଜ କହିଲେ, ''ଘଡ଼ିର ସ୍ପ୍ରିଂ ଭଳି ଲମ୍ବା ଇସ୍ପାତର ସ୍ପ୍ରିଂକୁ ଗୁଡ଼ାଇ ଯଦି ଛୋଟ କରି ରଖାଯାଏ, ତାହେଲେ ଯେପରି ହୁଏ—ସେହିପରି ମୋର ସମଷ୍ଟିସତ୍ତାକୁ ବ୍ୟଷ୍ଟି ମଧ୍ୟରେ ଆବୃତ କରିଛି। ମନ ପ୍ରାଣ ସାହାଯ୍ୟରେ ଦେହ ତିଆରି କରି ଇନ୍ଦ୍ରିୟ ମାଧ୍ୟମରେ ରୂପ, ରସ ଆସ୍ୱାଦନ କରେ। ପଛେଇ ପଛେଇ ଗଲେ ଆମେ ସ୍ୱରୂପକୁ ଫେରିଯାଇପାରିବୁ। ଏହିଭାବରେ ନିଜର ସ୍ୱରୂପକୁ ଚିନ୍ତା କରିପାର।''

**୧୩.୨.୫୯**

ମହାରାଜଙ୍କର ଜଣେ ପ୍ରିୟପାତ୍ର ସୁଯୋଗ ପାଇଲେ ହିଁ ମହାରାଜଙ୍କ ପାଖକୁ ଆସନ୍ତି। ସେ ପଚାରିଲେ, ''କୃପା, ଆଶୀର୍ବାଦ—ଏସବୁର ମୂଲ୍ୟ କେତେ ?''

**ମହାରାଜ:** କିଛି ନାହିଁ, କଣାକଉଡ଼ିକର ବି ନାହିଁ, 'ଉଦ୍ଧରେଦାତ୍ମନା'। ଆଉ ଯଦି କୃପାରେ ସବୁ ହେଉଥାନ୍ତା, ତାହେଲେ ସ୍ୱୟଂ ଭଗବାନ ଯାହାକୁ କୃପା କରିଛନ୍ତି ସେହି ଭବନାଥର ଏପରି ଦଶା ହୋଇଥାନ୍ତା ! ଅସଲ କଥା ହେଲା, receiver ଯନ୍ତ୍ରକୁ ନେଇ। କୃପା ତ ରହିଛି। ସେମାନେ

ଜଗଦ୍‌ଗୁରୁ—ସଦାସର୍ବଦା ସଦିଚ୍ଛା, ଆଶୀର୍ବାଦ, କୃପା କରୁଛନ୍ତି । ତେବେ ଯେ ଯେତେ ଉଚ୍ଚ ଆଧାର, ସେ ସେତେ ବେଶି କୃପା ପାଇବ ଅର୍ଥାତ୍ ତାଙ୍କୁ ବୁଝିପାରିବ ଏବଂ ଧାରଣା କରିବ ଯେ, ସେମାନେ କୃପା କରୁଛନ୍ତି । ତେବେ ଗୋଟିଏ ଜିନିଷ ହୁଏ—କୃପା ବା ଆଶୀର୍ବାଦ ପାଇଲେ ଆପଣାଛାଏଁ ମନରେ ଜୋର୍ ଆସେ ଏବଂ ସେହି ଜୋର୍ ବଳରେ ସାଧକ ଅନେକ ଦୂର ଆଗେଇଯାଏ ମଧ୍ୟ; ସେ ବୁଝିପାରେ ଯେ, ସେ କୃପା ବଳରେ ହିଁ ଆଗେଇଛି । ତାହାଛଡ଼ାassociation ଅଛି । ସାଧୁସଙ୍ଗ କଲେ ସତ୍-ଚିନ୍ତା ହିଁ ମନରେ ଉଠେ, ଆଉ ଭୋଗ ନେଇ ରହିଲେ କାମର ଚିନ୍ତା ହୁଏ ।

**ସେବକ:** ଗୁରୁଙ୍କର ଯେଉଁ ରୂପ ଦେଖାଯାଏ, ତାହା କଅଣ ?

**ମହାରାଜ:** ଗୁରୁ ହେଉଛନ୍ତି ସଚ୍ଚିଦାନନ୍ଦ—ସମୁଦ୍ରକୁ ଯିବାର ଗୋଟିଏ ଘାଟ ମାତ୍ର । ଲକ୍ଷ୍ୟ ସମୁଦ୍ର । ତେବେ ବିଭିନ୍ନ ଲୋକଙ୍କର ଘାଟ ବିଭିନ୍ନ ।

**ସେବକ:** ଆପଣ ପ୍ରାୟ 'practical wisdom' କଥାଟି କୁହନ୍ତି । ଏହାର ମାନେ କଅଣ ?

**ମହାରାଜ:** ତୁମକୁ ଗୋଟିଏ ମଜାର ଘଟଣା କହେ । ଆମ ଦେଶରେ ଜଣେ ବ୍ରାହ୍ମଣ ଥିଲା, ସେ ଜମି ଚାଷ କରୁଥିଲା । ଦେଖିଲା, ଏକ ସେର ଧାନ ପୋତିଲେ ତିନିମାସ ପାଇଁ ଧାନ ଅମଳ ହୁଏ । ସେତେବେଳେ ସେ ଠିକ୍ କଲା, ଆଗାମୀ ବର୍ଷ ସେ ଦଶଗୁଣ ଧାନ ଲଗାଇବ, ସେଥିରେ ଦଶଗୁଣ ଧାନ ମିଳିବ । ଏହା ହିଁ ହେଲା 'practical wisdom' ର ଅଭାବ । ସେଦିନ ଜଣେ ଖାକି ହାଫ୍‌ପ୍ୟାଣ୍ଟ-ପିନ୍ଧା ପ୍ରାଇମେରି ସ୍କୁଲଟିଚର୍ ଆସିଥିଲା । ଏପରି ପୋଷାକ ପିନ୍ଧି ସ୍କୁଲକୁ ଆସିବାର କାରଣ ପଚାରିବାରୁ ସେ କହିଲା, ଦୁଇବର୍ଷ ଦାରୋଗାଗିରି କରିଥିଲା ବୋଲି ଖାକି ଜାମା ପିନ୍ଧିବା ଅଭ୍ୟାସ ହୋଇଯାଇଛି । ସେ କୁଆଡ଼େ କେଉଁ ବିଷୟରେ 'ପେପର୍' ଲେଖିଛି ଏବଂ ରାଷ୍ଟ୍ରପତି ରାଧାକୃଷ୍ଣଙ୍କ ପାଖକୁ ପଠାଇଛି ସରକାରଙ୍କ ପକ୍ଷରୁ ତାହା ପ୍ରକାଶ କରିବା ପାଇଁ । ସହରର B.A, M.A. ପାସ୍ କରିଥିବା ବାବୁମାନେ ତାର କଥା ହାଁ କରି ଗିଳୁଥିଲେ । ବୁଝିଲ 'practical wisdom' ର କି ଅଭାବ ! କୌଣସି ସନ୍ନ୍ୟାସୀଙ୍କୁ ସଂସାରର କୌଣସି ସମସ୍ୟା କଥା ଜଣାଇଲେ ସେ ସଙ୍ଗେ ସଙ୍ଗେ ସିଦ୍ଧାନ୍ତ ଜଣାଇଦେବେ; ଅବଶ୍ୟ ସେ ଯଦି ପ୍ରକୃତ ତ୍ୟାଗୀ ହୋଇଥାନ୍ତି । ସାଧାରଣ ଲୋକ ସନ୍ନ୍ୟାସୀଙ୍କର ଏହି ସହଜ ସମାଧାନ କରିପାରିବା ବିଷୟଟିକୁ ବୁଝିପାରନ୍ତି ନାହିଁ ।

**ସେବକ:** 'ଯୋଗସୂତ୍ର' ପଢ଼ି ମନେହେଉଛି, ମନ-ବୁଦ୍ଧିର ଉର୍ଦ୍ଧ୍ୱକୁ ଗଲେ, ସ୍ୱରୂପରେ ଅବସ୍ଥାନ କଲେ ସର୍ବଶକ୍ତିମାନ ଓ ସର୍ବଜ୍ଞ ହେବି । ତାହେଲେ ସେତେବେଳେ କଅଣ ମୁଁ ଯାହା ଇଚ୍ଛା ତାହା କରିପାରିବି ? ଜଗତର ସବୁକିଛି ଜାଣିପାରିବି ? ଯାହାକୁ ଖୁସି ତାହାକୁ ମୁକ୍ତ କରିପାରିବି ?

**ମହାରାଜ:** ତୁମେ ଗୀତାର ଏହି ଶ୍ଳୋକଟି ମନେପକାଅ ତ—

'ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ॥'
୩।୧୭

ସେତେବେଳେ ତାହାର କୌଣସି ଇଚ୍ଛା ନ ଥାଏ । ଆମେ ଗୋଟିଏ ସାଧାରଣ 'ବାତାସା'ରେ ହିଁ ଭୁଲିଯାଉ, ଯଦି ସେହି ଆନନ୍ଦର ଆସ୍ୱାଦ ପାଇବା ତାହେଲେ ତ କୌଣସି ଇଚ୍ଛା ରହିବ ନାହିଁ; ସେହି ଆନନ୍ଦରେ ମତ୍ତ ହୋଇ ରହିବା । ଜଗତର କିଛି ଜାଣିବା ପାଇଁ ଇଚ୍ଛା ହେବ ନାହିଁ । ଆଉ ତା ନିକଟରେ ତ ଜଗତ ବୋଲି କିଛି ରହିବ ନାହିଁ, ତାହା ବ୍ରହ୍ମ ହୋଇଯିବ ଏବଂ ଜଗତର କାହାକୁ ତ ଆଉ ସେ ବଦ୍ଧ ବୋଲି ଦେଖିବ ନାହିଁ—ସେ ସମସ୍ତଙ୍କୁ ମୁକ୍ତ ଦେଖିବ ।

**ସେବକ:** ଦ୍ୱୈତ ଓ ବିଶିଷ୍ଟାଦ୍ୱୈତବାଦ ବିଷୟରେ ଟିକିଏ କହନ୍ତୁ ।

**ମହାରାଜ:** ଗୋଟିଏ ସୂର୍ଯ୍ୟକୁ ବିଭିନ୍ନ ଅବସ୍ଥାରେ ବିଭିନ୍ନ ପ୍ରକାର ଦେଖାଯାଏ । ସକାଳେ ଗୋଟିଏ ପ୍ରକାର, ଦ୍ୱିପ୍ରହର ସମୟରେ ଅନ୍ୟ ପ୍ରକାର । ଠିକ୍ ସେହିପରି ବ୍ରହ୍ମକୁ ଦ୍ୱୈତ-ଭୂମିରେ ଦେଖିବା ମାନେ, ଯେପରି—କୃଷ୍ଣ ଓ ମୁଁ । ତାପରେ 'ଯହିଁ ଯହିଁ ନେତ୍ର ପଡ଼େ ତହିଁ ତହିଁ କୃଷ୍ଣ ସ୍ଫୁରେ ।' ସର୍ବଶେଷରେ,

ତୋତାପୁରୀଙ୍କ ନିକଟରେ ଠାକୁରଙ୍କର ସେହି ଉପଲବ୍ଧି—ଜ୍ଞାନ-ଅସି ଦ୍ୱାରା ଦେବୀମୂର୍ତ୍ତିକୁ କାଟି ଏକାବେଳକେ ଅଦ୍ୱୈତଭୂମିରେ। କେବଳ stage after stage.

କେତେଦିନ ଧରି ମହାରାଜଙ୍କ ଦେହ ଖୁବ୍ ଖରାପ ଯାଉଛି—ଶ୍ୱାସ-କଷ୍ଟ। nerves ମଧ୍ୟ ଖୁବ୍ sensitive. ସକାଳେ ହେମ କବିରାଜଙ୍କୁ ସଙ୍ଗରେ ଧରି ବେଦାନ୍ତ ମଠର ସ୍ୱାମୀ ଶଙ୍କରାନନ୍ଦ ଆସିଥିଲେ। ହେମ କବିରାଜ ଶ୍ରୀମ ଅର୍ଥାତ୍ ମାଷ୍ଟର ମହାଶୟଙ୍କ ପାଖକୁ ଯାଉଥିଲେ। ମାଷ୍ଟର ମହାଶୟ ତାଙ୍କୁ କହିଥିଲେ, ''ସେ (ପ୍ରେମେଶ ମହାରାଜ) ଆସାମକୁ ଆଲୋକିତ କରି ରଖିଛି। ଗଲେ ହିଁ ମା ପଚାରୁଥିଲେ, ମୋର ଇନ୍ଦ୍ରଦୟାଲ କିପରି ଅଛି ?''

ପ୍ରସଙ୍ଗକ୍ରମେ ପ୍ରେମେଶ ମହାରାଜ କହିଲେ, ''ମୁଁ ଥରେ ମାଆଙ୍କୁ ପଚାରିଥିଲି, 'ମୋ ଯୋଗୁଁ କାହାର କିଛି ଅମଙ୍ଗଳ ହେବ ନାହିଁ ତ ?' ମା କହିଲେ, 'ନା ବାବା, ଠାକୁର ଅଛନ୍ତି; ତୁମ ଯୋଗୁ ବହୁ ପିଲାଙ୍କର ମଙ୍ଗଳ ହେବ।'''

**୨୩.୨.୫୯**

ଦ୍ୱିପ୍ରହର ବେଳେ ପ୍ରେମେଶ ମହାରାଜଙ୍କୁ ଗୋଟିଏ ଚିଠି ପଢ଼ି ଶୁଣାଇ ଦିଆଗଲା, ସେଥିରେ ଜଣେ ବମ୍ବେରୁ ଲେଖିଛି—ରାମକୃଷ୍ଣ ମିଶନର ଅଧଃପତନ ଘଟିଛି। କାରଣ ଜଣେ ସହାଧ୍ୟକ୍ଷ ମହାରାଜଙ୍କ ନାମ ପୂର୍ବରୁ କେହି '୧୦୦୮ ସ୍ୱାମୀ' ଲେଖିଛି। ପ୍ରେମେଶ ମହାରାଜ ଶୁଣି କହିଲେ, ''ଦେଖିଲ ସାଧାରଣ ଲୋକର ବୁଦ୍ଧିର ଦଉଡ଼! ଏହା ଗୋଟିଏ local custom। ସହାଧ୍ୟକ୍ଷ ମହାରାଜ ନିଜେ ତ ଲେଖି ନାହାନ୍ତି; ତାଛଡ଼ା, ଗୋଟିଏ ଘଟଣାରେ ହିଁ ସମଗ୍ର ରାମକୃଷ୍ଣ ମଶନ ଅଧଃପାତକୁ ଚାଲିଗଲା ?! କିପରି sweeping remarks, ଦେଖିଲ ? ଲୋକଙ୍କ କଥାକୁ ବିଶେଷ ଭାବିଚିନ୍ତି ନେବ। inner life ! inner life ! ଯଦି ଠାକୁରଙ୍କୁ ଥରେ ଛାତି ଭିତରେ ରଖି ଭଲପାଇପାର ତେବେ ବଞ୍ଚିଗଲ। ବୁଢ଼ା ବୟସରେ କୌଣସି କଷ୍ଟ ନାହିଁ। ତାହା ନ ହେଲେ କେବଳ ଦେଶୋଦ୍ଧାର, ଜଗତକଲ୍ୟାଣ କରି ଘୂରିବାକୁ ହେବ।''

**୨୫.୨.୫୯**

ମହାରାଜ କେତେକାଂଶରେ ସୁସ୍ଥ ଅଛନ୍ତି। ଉପରଓଳି ବୁଲିବା ବେଳେ କହିଲେ, ''ଦେଖ, ମୁଁ ଦେଖୁଛି (ଦୁଇଟି ଆଙ୍ଗୁଠିକୁ ଗୋଲ କଣା ଭଳି କରି) ପ୍ରେମେଶାନନ୍ଦର ଦେହ ଅସୁସ୍ଥ ହୋଇଛି, ସେ କଷ୍ଟ ପାଉଛି। theoretically ବହୁତ କିଛି କୁହାଯାଇପାରେ, କିନ୍ତୁ କାମରେ ଲଗାଇବା କଷ୍ଟ। କନଖଲରୁ ଗୌର ଆସିଛି, ସେ ମଧ୍ୟ କହିଲା—ସେଠାରେ କେହି ବୁଝାଇଛି, ଆନନ୍ଦମୟ କୋଷ ସୁଷୁପ୍ତି ବେଳର ଅବସ୍ଥା, କିନ୍ତୁ ସୁଷୁପ୍ତିରେ ମନ ଅଜ୍ଞାନରେ ବା ଅବିଦ୍ୟାମାୟାରେ ଆବୃତ ଥାଏ। ମାତ୍ର ଆନନ୍ଦମୟ କୋଷରେ ମନ ବିଦ୍ୟାମାୟାରେ ଆବୃତ ଥାଏ। God helps those who help themselves. ଯେତେବେଳେ ନିଜେ ଆପ୍ରାଣ ଚେଷ୍ଟା କରୁ କରୁ ମନେହୁଏ ଆଉ ପାରୁ ନାହିଁ, ସେତେବେଳେ ମହାମାୟା ଆସି ଆବରଣ ହଟାଇ ଦିଅନ୍ତି। ଏହା ହିଁ ମହାମାୟାଙ୍କ କୃପା। ଭକ୍ତର ଆଖିରେ ଏହା କୃପା। କିନ୍ତୁ ଜ୍ଞାନୀର ଦୃଷ୍ଟିରେ—ସେତେବେଳେ ସେ ନିଜର 'greater self'କୁ ବୁଝୁଛି, ସେତେ ହିଁ ସେ 'କୃପା ପାଉଛି' ବୋଲି ମନେକରେ। ସେ ନ ଚାହିଁଲେ ମଧ୍ୟ ତୁମେ ଯଦି ଦିଅ, ତାହା ସେ ନେବ ନାହିଁ। ଠାକୁର ତ କୃପା କରିବା ପାଇଁ ବସିଥିଲେ। ଭବନାଥ, ପଲଟୁ, ପୂର୍ଣ୍ଣ—ସେମାନଙ୍କ ଉପରେ କଅଣ କୃପା କମ୍ ଥିଲା ? କିନ୍ତୁ ସେମାନେ ନ ଚାହିଁଲେ ସେ କଅଣ କରିବେ ?

''ତେବେ association ଫଳରେ ସେହିପରି ସ୍ୱଭାବ ହୋଇଯାଏ। ଏଥିପାଇଁ ତ ସାଧୁସଙ୍ଗ ଦରକାର। ସାଧୁସଙ୍ଗର ଫଳ ନିଜ ମନରେ ଏକ ସାମୟିକ energy feel କରି ବହୁବାଟ ଆଗେଇଯାଏ, ତାହାକୁ ଭାବେ ମହାପୁରୁଷଙ୍କର କୃପା। ସୁତରାଂ ମହାପୁରୁଷମାନେ ଯାହା ଇଚ୍ଛା ତାହା କରିପାରନ୍ତି—ଏହା ଠିକ୍ ନୁହେଁ। ପ୍ରତ୍ୟେକଙ୍କ ମଧ୍ୟରେ ଭଗବାନ ଅଛନ୍ତି, ତାଙ୍କର ଇଚ୍ଛା ନ ହେଲେ କିଛି ହେବ ନାହିଁ।'' *(କ୍ରମଶଃ)*

# ସମ୍ବାଦ

## ରାମକୃଷ୍ଣ ସଂଘର ସଂକ୍ଷିପ୍ତ ବାର୍ତ୍ତା

**ବେଲୁଡ଼ ମଠ :** ଭାରତର ମାନନୀୟ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଏବଂ ପଶ୍ଚିମବଙ୍ଗର ରାଜ୍ୟପାଳ ଶ୍ରୀ କେଶରୀନାଥ ତ୍ରିପାଠୀ ଗତ ନଭେମ୍ବର ମାସ ୨୯ ତାରିଖ ଦିନ ବେଲୁଡ଼ ମଠ ପରିଦର୍ଶନ କରିଛନ୍ତି।

ଶ୍ରୀ ହରିଭାଇ ପି. ଚୌଧୁରୀ, ଭାରତ ସରକାରଙ୍କର କୋଇଲା ଏବଂ ଖଣି ରାଜ୍ୟ ମନ୍ତ୍ରୀ ଗତ ନଭେମ୍ବର ମାସ ୯ ତାରିଖ ଦିନ ବେଲୁଡ଼ ମଠ ପରିଦର୍ଶନ କରିଛନ୍ତି।

ପୂଜନୀୟ ସଂଘାଧ୍ୟକ୍ଷ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜ ଗତ ନଭେମ୍ବର ୨୮ ତାରିଖ ଦିନ ବେଲୁଡ଼ ମଠରେ ''ଅଭେଦାନନ୍ଦ କନଭେନସନ୍ ସେଣ୍ଟର''ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

### ନୂତନ କେନ୍ଦ୍ର

ରାମକୃଷ୍ଣ ମଠ (ବଳରାମ ମନ୍ଦିର) ଅଧୀନରେ ଥିବା ଶ୍ୟାମପୁକୁରବାଟୀ କେନ୍ଦ୍ର ବେଲୁଡ଼ ମଠର ଶାଖା କେନ୍ଦ୍ରଭାବରେ ସ୍ୱତନ୍ତ୍ର ମାନ୍ୟତା ଲାଭ କରିଛି ଏବଂ ଏହି ନୂତନ କେନ୍ଦ୍ରର ଶାଖା କେନ୍ଦ୍ର ହେଉଛି ''କଥାମୃତ ଭବନ''।

### ଭଗିନୀ ନିବେଦିତାଙ୍କ ୧୫୦ତମ ଜନ୍ମୋତ୍ସବ

ଲଣ୍ଡନର ଓ୍ୱିମ୍ବଲଡନସ୍ଥିତ ଭଗିନୀ ନିବେଦିତାଙ୍କ ବାସଗୃହରେ ଇଂଲିଶ୍ ଐତିହ୍ୟ ଦ୍ୱାରା ଲଗା ଯାଇଥିବା ସ୍ମୃତିଫଳକକୁ ଗତ ନଭେମ୍ବର ମାସ ୧୨ତାରିଖ ଦିନ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନାବରଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ରାମକୃଷ୍ଣ ସଂଘର ଅନ୍ୟତମ ସହ-ସଂଘାଧ୍ୟକ୍ଷ ଶ୍ରୀମତ୍ ସ୍ୱାମୀ ସୁହିତାନନ୍ଦଜୀ, ଲଣ୍ଡନ କେନ୍ଦ୍ରର ଅଧ୍ୟକ୍ଷ ସ୍ୱାମୀ ଦୟାତ୍ମାନନ୍ଦଜୀ ଏବଂ ଲଣ୍ଡନର ମେୟର ସାଦିକ୍ ଖାନ୍ ପ୍ରଭୃତି ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ହୀରକ ଜୟନ୍ତୀ

ପୁରୁଲିଆ କେନ୍ଦ୍ରର ହୀରକ ଜୟନ୍ତୀ (Diamond Jubilee) ଉପଲକ୍ଷେ ଗତ ଅକ୍ଟୋବର ମାସ ୧୭ ତାରିଖ ଦିନ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବକ୍ତୃତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ସାଧୁ ବ୍ରହ୍ମଚାରୀ ଯୋଗ ଦେଇଥିଲେ। ଏହି କେନ୍ଦ୍ର ଦ୍ୱାରା ଯୁବ ସମ୍ମେଳନ, ଶିକ୍ଷକ ସମ୍ମେଳନ, ପ୍ରାକ୍ତନ ଛାତ୍ର ସମ୍ମେଳନ ପ୍ରଭୃତି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

### ସ୍ୱାମୀଜୀଙ୍କ ମୂର୍ତ୍ତି ଅନାବରଣ

ଦକ୍ଷିଣ ଆଫ୍ରିକାର ଡରବାନସ୍ଥିତ କେନ୍ଦ୍ରରେ ଥିବା ଦୁଇଟି ଉପକେନ୍ଦ୍ରରେ (ଚାତ୍‌ସ୍ୱର୍ଥ ଏବଂ ଫୋଏନିକ୍ସଠାରେ) ଗତ ନଭେମ୍ବର ମାସ ୧୮ ଓ ୨୧ ତାରିଖ ଦିନ ରାମକୃଷ୍ଣ ସଂଘର ଅନ୍ୟତମ ସହ-ସଂଘାଧ୍ୟକ୍ଷ ସ୍ୱାମୀ ଗୌତମାନନ୍ଦଜୀ ସ୍ୱାମୀଜୀଙ୍କର ଦୁଇଟି ମୂର୍ତ୍ତି ଅନାବରଣ କରିଛନ୍ତି।

### ଦେହତ୍ୟାଗ

ସ୍ୱାମୀ ରାମଚନ୍ଦ୍ରାନନ୍ଦ (ଚନ୍ଦ୍ରଶେଖର ମହାରାଜ) ଗତ ନଭେମ୍ବର ମାସ ୧୨ ତାରିଖ ଦିନ ୫୧ ବର୍ଷ ବୟସରେ ଦେହ ତ୍ୟାଗ କରିଛନ୍ତି।

ସ୍ୱାମୀ ଜୁଷ୍ଟାନନ୍ଦଜୀ (ସୁବ୍ରତ ମହାରାଜ) ଗତ ନଭେମ୍ବର ମାସ ୧୯ ତାରିଖ ଦିନ ୬୩ ବର୍ଷ ବୟସରେ ତ୍ରିପୁରାର କୈଳାସ ସହର କେନ୍ଦ୍ରରେ ଦେହତ୍ୟାଗ କରିଛନ୍ତି।

ସ୍ୱାମୀ ତ୍ରିବିକ୍ରମାନନ୍ଦଜୀ (ସୁଧାଂଶୁ ମହାରାଜ) ଗତ ନଭେମ୍ବର ମାସ ୨୭ ତାରିଖ ଦିନ ବୃନ୍ଦାବନ କେନ୍ଦ୍ରରେ ଥିବା ହସ୍ପିଟାଲରେ ୮୯ ବର୍ଷ ବୟସରେ ଦେହତ୍ୟାଗ କରିଛନ୍ତି।

### ରିଲିଫ୍

ରାମକୃଷ୍ଣ ସଂଘର ୮୯ଟି କେନ୍ଦ୍ର ମାଧ୍ୟମରେ ସର୍ବମୋଟ ୪୨,୮୬୪ଟି କମ୍ବଳ ଏବଂ ୧,୧୨,୨୦୫ଟି ଶୀତବସ୍ତ୍ର ବିତରଣ କରାଯାଇଛି।

## ଓଡ଼ିଶାରେ ଥିବା ମଠ ଓ ମିଶନର ସମ୍ବାଦ

**ଭୁବନେଶ୍ୱର ମଠ :**

### ସ୍ୱାମୀ ନିର୍ବାଣାନନ୍ଦଜୀ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ

ଗତ ନଭେମ୍ବର ମାସ ୨୬ ତାରିଖ ଦିନ ସ୍ୱାମୀ ନିର୍ବାଣାନନ୍ଦଜୀ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଭୁବନେଶ୍ୱର ମଠ ଲାଇବ୍ରେରୀ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷୟ ଥିଲା ''ଓଡ଼ିଆ ସାହିତ୍ୟରେ ଆଧ୍ୟାତ୍ମିକତା''। ଏହି ଉପଲକ୍ଷେ ବକ୍ତାଭାବରେ ଯୋଗ ଦେଇ ଆଲୋଚନା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶରତ ରଥ ଓ ଇଞ୍ଜିନିୟର ଏସ୍ ପଣ୍ଡା।

### ଶ୍ରୀମା ସାରଦାଦେବୀ ଜୟନ୍ତୀ

ଗତ ଡିସେମ୍ବର ମାସ ୯ ତାରିଖ ଦିନ ଶ୍ରୀଶ୍ରୀମା ସାରଦାଦେବୀଙ୍କ ଜନ୍ମୋତ୍ସବ ଭୁବନେଶ୍ୱର ମଠରେ ପାଳିତ ହୋଇଯାଇଛି। ମେଘୁଆ ପାଗ ସତ୍ତ୍ୱେ ଏହି ଉପଲକ୍ଷେ ପ୍ରାୟ ୧୪୦୦ ଭକ୍ତ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ।

### କମ୍ବଳ ବିତରଣ

ଭୁବନେଶ୍ୱର ମଠ ତରଫରୁ କଳାପଥର ଓ ଦଶପଲ୍ଲାର ଗରିବ ଜନସାଧାରଣଙ୍କୁ ୨୦୦ଟି କମ୍ବଳ ବିତରଣ କରାଯାଇଛି।



*A brief Report*
Phone PBX :
(033)2654-1144 / 1180
(033)2654-9581 / 9681
FAX : (033) 2654-4346
Email : rkmhq@belurmath.org
Website : www.belurmath.org

**RAMAKRISHNA MISSION**
(The Headquarters)
P.O. BELUR MATH, DIST. HOWRAH
WEST BENGAL : 711202
INDIA

# A brief Report on the activities of Ramakrishna Mission, P.O. : Belur Math, Howrah for the year 2016-2017

Divyayan Krishi Vigyan Kendra of **Ranchi Morabadi** Ashrama was awarded **Pandit Deendayal Upadhyay Rashtriya Krishi Vigyan Protsahan Puraskar** (zonal level) by the Indian Council of Agricultural Research, New Delhi. Indian Adult Education Association, New Delhi, conferred **Nehru Literacy Award**, on Lokasiksha Parishad of **Narendrapur** centre for its contribution to adult literacy. Blind Boys' Academy and Braille press of **Narendrapur** centre won the **National Award for the Empowerment of Persons with Disabilities**, for its comprehensive services to persons with disabilities. Bommidala Srikrishna Murthy Foundation, Guntur, presented **Spoorthi Award** to **Rajamahendravaram** centre in recognition of its service to society.

The **150th birth anniversaries** of Swami Saradananda, Swami Akhandananda, Swami Abhedananda, Swami Subodhananda and Sister Nivedita were celebrated in different centres through various programmes.

A branch centre of Ramakrishna Mission was started at **Gwalior** in Madhya Pradesh and three sub-centres were started at **Vasant Vihar**, New Delhi, **Cuttack** in Odisha and **Bardhaman** in West Bengal. Two branch centres of Ramakrishna Math were started at **Kayamkulam** in Kerala and **Ramanathapuram** in Tamil Nadu and a sub-centre was started at **Kathamrita Bhavan**, Kolkata. Outside India, a branch centre each of Math and Mission was started at **Chandpur** in Bangladesh. Vedanta Society of Greater **Houston**, USA, was made a branch centre of Ramakrishna Math. Ramakrishna Vedanta Centre, **Lusaka**, Zambia, was reaffiliated to Ramakrishna Mission.

In the **educational field,** the following **new developments** deserve special mention : (i) **Coimbatore Mission** centre started an e-journal entitled *Journal of Disability Management and Special Education*. (ii) The Industrial Training Centre of **Narendrapur** centre introduced three new courses.

In the **medical field,** mention may be made of the following **new developments** : (i) **Itanagar** centre started three new departments. (ii) **Lucknow** centre set up 7 modular operation theatres. (iii) **Seva Pratishthan** centre set up a High Dependency Unit (a step down unit of ICU) equipped with modern instruments.

In the **rural development field,** the following **new projects** deserve special mention : (i) **Gwalior** centre organized a workshop for 150 farmers and planted 800 trees at Sharada Balgram. (ii) **Lucknow** centre started a Village Health Centre. (iii) **Narainpur** centre built two ten-bed dwelling houses for children and 45 water reservoirs. (iv) **New Delhi** centre built 100 Twin Pit Pour Flush (TPPF) toilets. (v) **Ranchi Morabadi** centre started Livelihood and Enterprise Development Programme (LEDP) to empower 200 self-help group women as smart Agripreneures. The centre also built 27 units of Nadep compost tanks and 57 units of raised platform for goat-rearing, and installed a solar pump for irrigation. (vi) **Sargachhi** centre started a soil-testing laboratory for farmers.

A number of centres took forward *Swachchha Bharat Abhiyan* by holding various programmes, of which the following deserve special mention: (i) Students of different educational institutions of **Coimbatore Mission** Vidyalaya conducted 46 cleaning drives in which several public places were cleaned. (ii) Students of **Gwalior** centre participated

in a rally and enacted a play on Swachchhata Abhiyan which was telecast in 117 countries. (iii) **Mangaluru** centre conducted 300 cleanliness drives in which about 35,000 people participated.

Under the **Ramakrishna Math**, the following **new projects** deserve special mention : (i) **Thiruvananthapuram** centre built an operation theatre block with 5 opeation theatres in its hospital. (ii) **Chennai** Math constructed a building for its rural development unit at Meyyur village, near Chennai. (iii) Kitchen-cum-dining-hall complex, named 'Ma Sarada Sadavrata', started to function on **Belur Math** campus. (iv) **Mysuru** Ashrama carried out cleanliness drives which covered 56 places in Mysuru city.

**Outside India**, the following **new developments** deserve special mention: (i) **Dhaka** (Bangladesh) centre celebrated its centenary by holding a series of programmes and also launched *Prabodhan,* a quarterly magazine in Bengali. (ii) Statues of Swami Vivekananda were installed at **Durban** (South Africa) centre and at the **Ladysmith** sub-centre of Durban centre. (iii) The renovated Old Temple of **San Francisco** (USA) centre was rededicated, and a commemorative volume was released on the occasion.

During the year, the Mission undertook **welfare work** by way of providing scholarships to poor students, pecuniary help to old, sick and destitute people, etc. Expenditure incurred: Rs. 19.67 crore.

**Medical service** was rendered to more than 70.69 lakh people through 10 hospitals, 78 dispensaries, 41 mobile medical units and 834 medical camps. Expenditure incurred Rs. 209.50 crore.

Nearly 2.31 lakh students studied in our educational institutions from kindergarten to university level, non-formal education centres, night schools, coaching classes, etc. A sum of Rs. 313.33 crore was spent on the **educational work**.

A number of **rural and tribal development projects** were undertaken with a total expenditure of Rs. 68.04 crore, benefiting about 73.04 lakh people.

The Mission and Math undertook several **relief and rehabilitation** programmes in different parts of the country involving an expenditure of Rs. 41.08 crore, benefiting 11.65 lakh people of 5.86 lakh families.

We take this opportunity to express our heartfelt thanks to our members and friends for their kind cooperation and help.

(Submitted by Swami Atmaprabhananda on behalf of the General Secretary of Ramakrishna Mission, Belur Math.)